Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 1-2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 05-12 ଜାନୁଆରୀ 2017    05-12 ସୁଲାହ 1396    06-13 ରବିଉଲ୍ ସାନି 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

କାଲା ରସୁଲୁଲ୍ଲାହେ ସ୍ୱଲଲ୍‌ଲାହୁ ଅଲୈହେ ଓ୍ୱ ସଲ୍ଲମ୍ ଇନ୍ନଲ୍ଲାହା ୟବ୍‌ଅସୁ ଲିହାଜିହିଲ୍ ଉମ୍ମତି ଅଲା ରାସି କୁଲ୍ଲି ମିଅତି ସନତିନ୍ ମଇଁ ୟୁଜଦ୍ଦିଦୁଲହା ଦୀନହା ।
ଏହି ସମୟ ମସିହ୍ ମଉଦ୍‌ଙ୍କ ଆବିର୍ଭାବର ସମୟ ଏବଂ ମୁଁ ଏକମାତ୍ର ବ୍ୟକ୍ତି ଯିଏ ଏହି ଶତାବ୍ଦୀର ଆରମ୍ଭ ହେବା ପୂର୍ବରୁ ଦାବି କରିସାରିଛି । ମୁଁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏବଂ ଅନ୍ୟ ସମ୍ପ୍ରଦାୟ ଗୁଡିକୁ ଅଲ୍ଲାଃଙ୍କ ନିଦର୍ଶନ ଦେଖାଇ ନିସ୍ତବ୍ଧ କରିସାରିଛି । ତେଣୁ ଯେଉଁ ପର୍ଯ୍ୟନ୍ତ ମୋର ଏହି ଦାବିର ମୁକାବିଲାରେ ଉକ୍ତ ବିଶେଷ ଗୁଣର ଅଧିକାରୀ କୌଣସି ଦ୍ୱିତୀୟ ଦାବିଦାରକୁ ପ୍ରେରଣ କରାନଯାଇଛି ସେ ପର୍ଯ୍ୟନ୍ତ ମୋର ଏହି ଦାବି ପ୍ରମାଣିତ କରୁଛି ଯେ, ସେହି ମସିହ୍ ମଉଦ୍ ଯିଏ ଶେଷ ଯୁଗର ମୁଜଦ୍ଦିଦ୍ (ସୁଧାରକ) ତାହା ମୁଁ ନିଜେ ଅଟେ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**(୧)** ପ୍ରଥମ ନିଦର୍ଶନ -''କାଲା ରସୁଲୁଲ୍ଲାହେ--ୟୁଜଦ୍ଦିଦୁଲହା ଦୀନହା''

(ହଦିସ ଅବୁଦାଉଦ)

ଅର୍ଥାତ୍- ଅଲ୍ଲାଃତାଲା ପ୍ରତ୍ୟେକ ଶତାବ୍ଦୀର ଆରମ୍ଭରେ ଏହାର ଉନ୍ନତି ପାଇଁ ଜଣକୁ ପ୍ରେରଣ କରିବେ, ଯିଏ ତାଙ୍କ ପାଇଁ ଧର୍ମକୁ ସତେଜ କରିବେ ଏବଂ ବର୍ତମାନ ଏହି ଶତାବ୍ଦୀର ୨୪ ବର୍ଷ ବିତିବାକୁ ଯାଉଛି ଏବଂ କିଛି କାରଣ ନାହିଁ କି ରସୁଲୁଲ୍ଲାହ ସ୍ୱ:ଆ:ସ ଙ୍କର ବାଣୀରେ କୌଣସି ବ୍ୟତିକ୍ରମ ହେବ । ଯଦି କିଏ କହେ କି ଯଦି ଏହି ହଦିସ ଠିକ୍ ତେବେ ବାର ସତାବ୍ଦୀର ମୁଯଦ୍ଦିଦ୍‌ମାନଙ୍କ ନାଁ ବତାନ୍ତୁ ? ଉତର ଏହା ଅଟେ କି ଏହି ହଦିସ୍ ଉମ୍ମତ୍ ର ଓ୍ୱଲେମାମାନଙ୍କ ଦ୍ୱାରା ସ୍ୱୀକୃତ ହୋଇଆସୁଅଛି । ଯଦି ମୋ ଦାବି ସମୟରେ ଏହି ହଦିସ୍ କୁ ଦୁର୍ବଳ ବୋଲି ବିବେଚନା କରାଯାଏ, ତା ହେଲେ ଏହି ତଥା କଥିତ ମୁଲ୍ଲାଙ୍କ ଦ୍ୱାରା ଏହା ମଧ୍ୟ ସତ୍ୟସିଦ୍ଧ ଅଟେ ଯେ କେତେକ ମହାନ୍ ଦିବ୍ୟ ପୁରୁଷ ନିଜ ନିଜ ଯୁଗରେ ସ୍ୱୟଂ ମୁଜଦ୍ଦିଦ୍ (ସଂସ୍କାରକ) ହେବାର ଦାବି କରିଛନ୍ତି । କିଛି ବ୍ୟକ୍ତି ଅନ୍ୟଙ୍କୁ ମୋଜଦ୍ଦିଦ୍ କରାଇବା ପାଇଁ ଚେଷ୍ଟା ମଧ୍ୟ କରିଛନ୍ତି । ତେଣୁ ଯଦି ଏହି ହଦିସ୍ ଠିକ୍ ନୁହେଁ, ତେବେ ସେମାନେ ସାଧୁତାର ସହିତ କାର୍ଯ୍ୟ କଲେ ନାହିଁ, ଆମ ପାଇଁ ଏହା ଜରୁରୀ ନୁହେଁ ଯେ ପ୍ରତ୍ୟେକ ମୋଜଦ୍ଦିଦ୍‌ଙ୍କ ନାମ ଆମକୁ ମନେ ରଖିବାକୁ ପଡ଼ିବ । ଏହି ଜ୍ଞାନର ଅଧିକାରୀ ତ ସ୍ୱୟଂ ଅଲ୍ଲାତାଲା ଅଟନ୍ତି । ଆମେ ସର୍ବଜ୍ଞ ହେବାର ଦାବି କରୁନାହୁଁ, କିନ୍ତୁ ସେତିକି ଯାହା ଅଲ୍ଲାତାଲା ଜଣାଇବେ । ଏତତ୍‌ବ୍ୟତୀତ ଏହି ଉମ୍ମତ୍ ସଂସାରର ଏକ ବଡ଼ ଭାଗରେ ବ୍ୟାପି ଅଛି । ଅଲ୍ଲାଃତାଲା ନିଜ ଇଚ୍ଛାରେ କେବେ କେଉଁ ଦେଶରେ ସୁଧାରକ (ମୁଜଦ୍ଦିଦ୍) ଜନ୍ମ କରାନ୍ତି । ପୁଣି କେବେ କେଉଁ ଦେଶରେ (ଜନ୍ମ କରାନ୍ତି) । ଅଲ୍ଲାଃଙ୍କ କାର୍ଯ୍ୟ ବିଷୟରେ କିଏ ସମ୍ପୂର୍ଣ୍ଣ ଜ୍ଞାନ ରଖିପାରିବ ଏବଂ କିଏ ତା'ର ରହସ୍ୟକୁ ଆୟତ କରିପାରିବ । ତା'ହେଲେ ଏହା ବତାଇ ଦିଅନ୍ତୁ କି ହଜ୍‌ରତ୍ ଆଦମ୍‌ଙ୍କଠାରୁ ନେଇ ଆଁ ହଜ୍‌ରତ୍ ସ୍ୱ:ଆ:ସଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଜାତିରେ କେତେ ନବୀ ଆସିଛନ୍ତି ? ଯଦି ତୁମେ ଏହା ବତେଇଦେବ ତା'ହେଲେ ଆମେ ମୋଜଦ୍ଦିଦ୍‌ଙ୍କ (ନାମ) ମଧ୍ୟ ବତେଇଦେବୁ । ବାସ୍ତବିକ ଏହା ଅଟେ ଯେ ଜ୍ଞାନର ଅଭାବ ବସ୍ତୁର ଅନୁପସ୍ଥିତିକୁ ସାବ୍ୟସ୍ତ କରେ ନାହିଁ । ଅହ୍‌ଲେ ସୁନ୍ନତଙ୍କ ମଧ୍ୟରେ ଏହା ସର୍ବ ସମ୍ମତି ରୂପେ ବିବେଚନା କରାଯାଇଅଛି ଯେ ଶେଷ ମୋଯଦ୍ଦିଦ୍ ଏହି ଉମ୍ମତ୍‌ର ମସିହ୍ ମଉଦ୍ ଅଟନ୍ତି, ଯିଏ ଶେଷ ଯୁଗରେ ପ୍ରକଟ ହେବେ । ଏବେ ସମୀକ୍ଷା କରିବାକୁ ହେବ ଯେ ବର୍ତମାନ ଏହି ଯୁଗ ଶେଷ ଯୁଗ ବା ନୁହେଁ । ୟୁହୁଦି ଓ ଖ୍ରୀଷ୍ଟଧର୍ମୀମାନେ ଏକମତ ଯେ ଏ ଯୁଗ ଶେଷ ଯୁଗ ଅଟେ । ଯଦି ଋହଁ ପରୂରି ବୁଝି ନିଅ । ଅକାଳ ପଡୁଛି, ଭୁମିକମ୍ପ ହେଉଛି । ପ୍ରତ୍ୟେକ ପ୍ରକାର ଅପୂର୍ବ ବିପତି ପଡ଼ିବା ଆରମ୍ଭ ହୋଇଯାଇଛି । ତଥାପି କଣ ଏହା ଶେଷ ଯୁଗ ନୁହେଁ ? ଏବଂ ଇସ୍‌ଲାମ୍‌ର ଧର୍ମନିଷ୍ଠ ଲୋକେ ମଧ୍ୟ ଏହି ଯୁଗକୁ ଶେଷ ଯୁଗ ରୂପେ ବିବେଚନା କରିଛନ୍ତି । ସେହିପରି ଚଉଦ ଶତାବ୍ଦୀରୁ ମଧ୍ୟ ୨୩ ବର୍ଷ ବିତିଗଲାଣି । ତେଣୁ ଉକ୍ତ ଉକ୍ତିଗୁଡିକ ମଜ୍‌ବୁତ୍ ପ୍ରମାଣ ଦିଏ ଯେ ଏହି ସମୟ ମସିହ୍ ମଉଦ୍‌ଙ୍କ ପ୍ରକଟ ହେବାର ଉପଯୁକ୍ତ ସମୟ ଅଟେ । ଏବଂ ମୁଁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଶତାବ୍ଦୀ ଆରମ୍ଭ ହେବା ପୂର୍ବରୁ ଦାବି କରି ଆସୁଅଛି ଏବଂ ଏକମାତ୍ର ମୋର ଦାବିକୁ ୨୫ ବର୍ଷ ବିତିଗଲାଣି ଏବଂ ଏ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି ଏବଂ ମୁଁ ହି ଏକ ମାତ୍ର ବ୍ୟକ୍ତି ଯିଏ ଖ୍ରୀଷ୍ଟିୟାନ୍ ଓ ଅନ୍ୟ ସମ୍ପ୍ରଦାୟମାନଙ୍କୁ ଅଲ୍ଲାଙ୍କ ନିଦର୍ଶନ ସହିତ ନିସ୍ତବ୍ଧ କରିସାରିଛି । ତେଣୁ ଯେ ପର୍ଯ୍ୟନ୍ତ ମୋର ଏହି ଦାବିର ମୁକାବିଲାରେ ଉକ୍ତ ବିଶେଷ ଗୁଣର ଅଧିକାରୀ କୌଣସି ଦ୍ୱିତୀୟ ଦାବିଦାରଙ୍କୁ ପ୍ରେରଣ ନ କରାଯାଇଛି ସେ ପର୍ଯ୍ୟନ୍ତ ମୋର ଏ ଦାବି ପ୍ରମାଣ କରୁଛି ଯେ ଉକ୍ତ ମସିହ୍ ମଉଦ୍ ଯିଏ ଶେଷ ଯୁଗର ମୋଯଦ୍ଦିଦ୍ ଅଟନ୍ତି ତାହା ମୁଁ ନିଜେ ଅଟେ । ପ୍ରତ୍ୟେକ ଯୁଗରେ ଅଲ୍ଲାତାଲା ପରିସ୍ଥିତି ଅନୁସାରେ କାର୍ଯ୍ୟ କରିଥାନ୍ତି । ଗୋଟିଏ ସମୟ ତାହା ଥିଲା ଯେତେବେଳେ ଅଲ୍ଲାଃଙ୍କ ସତ୍ୟବାଦୀ ମସିହ୍‌ଙ୍କୁ କୃଶବିଦ୍ଧ କରି ଆହତ କରି ଦିଆଗଲା । କିନ୍ତୁ ଶେଷ ଯୁଗରେ ନିୟତି ଏହା ଥିଲା ଯେ ମସିହ୍ କୃଶକୁ ଭାଙ୍ଗିବ ଅର୍ଥାତ୍ ସ୍ୱର୍ଗୀୟ ନିଦର୍ଶନ ଦ୍ୱାରା କଫାରାର ଅବଧାରଣାକୁ ସଂସାରରୁ ଉଠାଇଦେବ ।

''ଅଓଜ୍ ମାଓ୍ୱଜା ଗିଲା ନଦାରଦ୍''

**(ହକିକତୁଲ୍ ଓ୍ୱହି, ରୁହାନିଖଜାଏନ୍ - ଖଣ୍ଡ-୨୨, ପୃଷ୍ଠା-୨୦୦-୨୦୨)**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ବୈବାହିକ ଜୀବନରେ ତଲାକ୍‌ର ବାସ୍ତବିକତା !

ଇସଲାମ ଧର୍ମ ଏକ ସଂପୂର୍ଣ୍ଣ ଧର୍ମ । ଏଥିରେ ସମସ୍ତ ସମସ୍ୟାର ସମାଧାନ ରହିଛି । ପୁରୁଷ ହେଉ ବା ମହିଳା ସମସ୍ତ ମାନବ ଜାତିକୁ ସମାନ ମାନବାଧିକାର ଦିଆଯାଇଛି । ପ୍ରତ୍ୟେକ ଧର୍ମରେ ବିବାହ ବନ୍ଧନ ଏକ ଶୁଭ ଓ ମଙ୍ଗଳମୟ ବନ୍ଧନହୋଇଥାଏ । କିନ୍ତୁ ଅନେକ କାରଣ ବଶତଃ ସ୍ୱାମୀ ସ୍ତ୍ରୀ ସମ୍ବନ୍ଧରେ ମନ ମାଳିନ୍ୟତା ଯୋଗୁଁ ବିଭ୍ରାଟ ସୃଷ୍ଟି ହୋଇଥାଏ । ଏପରି ପରିସ୍ଥିତିରେ ପୁରୁଷକୁ ଏବଂ ସ୍ତ୍ରୀକୁ ଇସଲାମୀୟ ବିଧାନ ଅନୁମତି ଦେଇଛି କି ସେମାନେ ଜଣେ ଅନ୍ୟଜଣ ଠାରୁ ଅଲଗା ହୋଇପାରିବେ । ଅର୍ଥାତ୍ ବିବାହ ବନ୍ଧନରୁ ମୁକ୍ତ ହୋଇପାରିବେ । ଏହି ପ୍ରକ୍ରିୟାକୁ ଇସଲାମୀୟ ଭାଷାରେ ''ତଲାକ୍'' ଏବଂ ''ଖୁଲା''କୁହାଯାଏ । ପୁରୁଷ ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ତଲାକ୍'' କୁହାଯାଏ ଏବଂ ମହିଳା ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ଖୁଲା'' କୁହାଯାଏ । ଅମାନ୍ୟକାରୀତା,ଦ୍ୱେଷ ଏବଂ ପର ପୁରୁଷ ପ୍ରତି ପ୍ରଲୋଭିତ କାରଣ ଥିବାବେଳେ ''ତଲାକ୍'' ଦେବାର ଅନୁମତି ରହିଛି । ପବିତ୍ର କୋରାନର ଅଧ୍ୟାୟ ୨ଆୟତ ୨୨୯ରେ ବର୍ଣ୍ଣନା ଅଛି, ଯେଉଁ ମହିଳା ମାନଙ୍କୁ ତଲାକ୍ ପ୍ରାପ୍ତ ହୁଏ ସେମାନେ ତିନି ଥର ଋତୁସ୍ରାବ ପର୍ଯ୍ୟନ୍ତ ନିଜେ ନିଜକୁ ଅଟକାଇ ରଖନ୍ତୁ ....ଏବଂ ସେ ସମୟ ମଧ୍ୟରେ ଯଦି ସେମାନଙ୍କ ସ୍ୱାମୀମାନେ ପରସ୍ପର ମଧ୍ୟରେ ମିଳାମିଶା କରିବାକୁ ଇଚ୍ଛୁକ ହୁଅନ୍ତି ତେବେ ସେମାନେ ସେ ପତ୍ନୀମାନଙ୍କୁ ଫେରାଇ ନେବା ଲାଗି ଅଧିକା ହକଦାର ଅଟନ୍ତି । ପୁଣି ଆୟତ ୨୩୦ରେ ବର୍ଣ୍ଣନା ଅଛି , ଏପରି ତଲାକ୍ ଯହିଁରେ ମିଳାମିଶା ହୋଇପାରିବ ତାହା ଦୁଇଥର ହୋଇପାରେ । ତାପରେ ହୁଏତ ପତ୍ନୀକୁ ସମୁଚିତ ପନ୍ଥାରେ ଅଟକାଇବାକୁ ହେବ ଅଥବା ସଦ୍‌ବ୍ୟବହାର ପୂର୍ବକ ବିଦାୟ ଦେବାକୁ ହେବ । ପୁଣି ଆୟତ ୨୩୧ରେ ବର୍ଣ୍ଣନା କରାଯାଇଛି କି ତା'ପରେ ଯଦି ଉପରେ ବର୍ଣ୍ଣିତ ଦୁଇଟି ତଲାକ୍ ଅତିବାହିତ ହେଲା ପରେ ମଧ୍ୟ ପତି ତାହାକୁ ତୃତୀୟ ତଲାକ୍ ଦିଏ ତେବେ ସେ ମହିଳା ତା ପାଇଁ ସେ ପର୍ଯ୍ୟନ୍ତ ବୈଧ୍ୟ ହେବ ନାହିଁ ଯେପର୍ଯ୍ୟନ୍ତ ସେ ମହିଳା ତା ବ୍ୟତୀତ ଅନ୍ୟ କୌଣସି ପତି ନିକଟକୁ ନ ଯାଇଛି; କିନ୍ତୁ ଯଦି ସେ (ଦ୍ୱିତୀୟ ପତି) ମଧ୍ୟ ତାହାକୁ ତଲାକ୍ ଦିଏ ତେବେ ଯଦି ସେ ଉଭୟଙ୍କର (ଅର୍ଥାତ୍ ପ୍ରଥମ ପତି ଓ ପତ୍ନୀଙ୍କର ) ବିଶ୍ୱାସ ହୁଏ ଯେ ସେମାନେ ଅଲ୍ଲାହ୍ଙ୍କ ନିର୍ଦ୍ଧାରିତ ସୀମାକୁ ବଜାୟ ରଖିପାରିବେ ତେବେ ପରସ୍ପର ମଧ୍ୟରେ ପୁନର୍ବାର ମିଳାମିଶା କରିବାରେ କୌଣସି ପାପ ହେବ ନାହିଁ । ପୁଣି ଆୟତ ୨୩୨ରେ ଲେଖାଅଛି, ଯେତେବେଳେ ତୁମେ ମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ସମୟର ଶେଷ ସୀମାରେ ଉପନୀତ ହୁଅନ୍ତି ସେତେବେଳେ ଏକେତ ସେମାନଙ୍କୁ ସମୁଚିତ ପନ୍ଥାରେ ଅଟକାଅ ବା ସେମାନଙ୍କୁ ସମୁଚିତ ପନ୍ଥାରେ ବିଦାୟ ଦିଅ; ଏବଂ ସେମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ ଆବଦ୍ଧ କରି ରଖ ନାହିଁ । ଯେଉଁ ବ୍ୟକ୍ତି ଏପରି କରିବ ତେବେ ବୁଝି ରଖ ଯେ ସେ ନିଜ ଉପରେ ହିଁ ଅତ୍ୟାଚାର କରିଅଛି । ଆୟତ ୨୩୩ରେ ଲେଖାଅଛି, ଯେତେବେଳେ ତୁମେମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ଅବଧିକୁ ପୁରଣ କରନ୍ତି ଏବଂ ଯେତେବେଳେ ସେମାନେ ପରସ୍ପର ମଧ୍ୟରେ ଉତମ ପନ୍ଥାରେ ସମ୍ମତ ହୋଇଯାଆନ୍ତି ସେତେବେଳେ ସେମାନଙ୍କୁ ନିଜ ପତିମାନଙ୍କ ସହିତ ପୁଣି ବିବାହ କରିବାକୁ ବାରଣ କରନାହିଁ । ପୁଣି ଆୟତ ୨୩୮ରେ ବର୍ଣ୍ଣନା ଅଛି, ଯଦି ତୁମେମାନେ ମହର ଧାର୍ଯ୍ୟ ହେବା ପରେ କିନ୍ତୁ ସେମାନଙ୍କୁ ସ୍ପର୍ଶ କରିବା ପୂର୍ବରୁ ତଲାକ୍ ଦିଅ ତେବେ ଏପରି ପରିସ୍ଥିତିରେ ଯାହା ମହର ତୁମେମାନେ ଧାର୍ଯ୍ୟ କରିଅଛ ତାହାର ଅଧା ସେମାନଙ୍କୁ ଦେବାକୁ ହେବ ।''

ଉକ୍ତ''ତଲାକ୍''(ଛାଡପତ୍ର)ଦେବା ପୂର୍ବରୁ ଇସଲାମ ଶାନ୍ତି , ମୈତ୍ରୀ ଓ ଏକତାର ଶିକ୍ଷା ଓ ପଦ୍ଧତି ଅବଲମ୍ବନ କରିବାର ଆଦେଶ ଦେଇଥାଏ । ସୁତରାଂ ଅଲ୍ଲାହ୍ ପବିତ୍ର କୋରାନ ମାଧ୍ୟମରେ ଏଶିକ୍ଷା ଦେଇଛନ୍ତି ଯେ ଯଦି ଉକ୍ତ ସମସ୍ୟା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉପୁଜିଥାଏ ତେବେ ପ୍ରଥମେ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ସମସ୍ୟାର ସମାଧାନ କରିନିଆଯାଉ । ଦ୍ୱିତୀୟତଃ ଆବଶ୍ୟକ ସ୍ଥଳେ ସ୍ତ୍ରୀର ବିଛଣାକୁ ଅଲଗା କରି ଦିଆଯାଉ । ତୃତୀୟତଃ ଇସ୍‌ଲାମିୟ ନ୍ୟାୟାଧୀଶ (କାଜି) ଙ୍କ ଅନୁମତି କ୍ରମେ ଉଭୟ ପକ୍ଷରୁ ଜଣେ ଜଣେ ଓକିଲ ମୁତୟନ କରାଯାଇ, ସେମାନଙ୍କ ମଧ୍ୟରେ ମିତ୍ରତା ସ୍ଥାପନ କରାଯାଉ । ଯଦି ଉକ୍ତ ପ୍ରାରମ୍ଭିକ ଉପଚାର ଦ୍ୱାରା ସମସ୍ୟାର ସମାଧାନ ନହୋଇଥାଏ ତେବେ ପୁରୁଷ ଲିଖିତ ଆକାରରେ ଇସଲାମିୟ ନ୍ୟାୟାଧୀଶ କିମ୍ବା ଉକ୍ତ ଓକିଲଙ୍କ ମାଧ୍ୟମରେ ପ୍ରଥମ ''ତଲାକ୍''ର ଘୋଷଣା କରୁ । ପ୍ରଥମ ''ତଲାକ୍''ର ଅବଧି ଏକ ମାସ । ଅର୍ଥାତ୍ ସ୍ତ୍ରୀ ର ମାସିକ ପବିତ୍ରତା ପର୍ଯ୍ୟନ୍ତ । ଏହାକୁ ମିତ୍ରତା ସ୍ଥାପନ ଅର୍ଥାତ୍ ବାହୁଡିବା କୁହାଯାଇଥାଏ । ଏହି ମାସକ ମଧ୍ୟରେ ଯଦି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ ତେବେ ସ୍ୱାମୀ ପୁନର୍ବାର ସ୍ତ୍ରୀ ସହ ପୂର୍ବ ପରି ଜୀବନ ଜାପନ କରିପାରିବ । ଯାହାକୁ ଇସଲାମୀୟ ଭାଷାରେ''ତଲାକ୍ -ଏ- ରଜୟୀ''କୁହାଯାଏ । ଯଦି ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ଦ୍ୱିତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାର ଅବଧି ମଧ୍ୟ ଏକ ମାସ ହୋଇଥାଏ । ଯଦି ଏହି ମାସକ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ , ତେବେ ପୁନର୍ବାର ''ନିକାଃ'' କରିବା ଆବଶ୍ୟକ । ଯାହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ- ବାଇନ୍'' କୁହାଯାଏ ଅର୍ଥାତ୍ ପୁନର୍ବିବାହ ସହ ବାହୁଡିବା । ଯଦି ଉକ୍ତ ପନ୍ଥାଦ୍ୱାର ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ତୃତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ-ବତ୍ତା''କୁହାଯାଏ । ଏହି ତଲାକ ପରେ ପୁରୁଷ ପୁନର୍ବାର ସେହି ସ୍ତ୍ରୀ ପାଖକୁ ବାହୁଡି ପାରିବ ନାହିଁ କି ତା ସହିତ ବିବାହ କରି ପାରିବ ନାହିଁ । ଏହା ପରେ ସେ ସ୍ତ୍ରୀ ର ଯଦି ଅନ୍ୟ କୌଣସି ପୁରୁଷ ସହିତ ବିବାହ ହେଲା ଏବଂ କୌଣସି କାରଣରୁ ସେ ଅର୍ଥାତ୍ ଦ୍ୱିତୀୟ ସ୍ୱାମୀ ସେ ସ୍ତ୍ରୀ କୁ ତଲାକ୍ ଦେଲା ତେବେ ପୂର୍ବ ସ୍ୱାମୀ ପୁନର୍ବାର ସେ ସ୍ତ୍ରୀ ସହ ବିବାହ କରିପାରିବ ।

''ତଲାକ୍'' ଇସଲାମ ଶିକ୍ଷା ଓ ବିଧାନ ଅନୁଯାୟୀ ଐଶୀ ଅନୁମତି ଅଟେ ,ଏହି ବିଧିର ବିଧାନକୁ କେହି ମଣିଷ କାଟିପାରିବ ନାହିଁ । ନା ହିଁ ଐଶୀ ଆଦେଶର ଅବମାନନା କରିବାର ସାହସ କରିପାରିବ । ଯେପରି ପୁରୁଷକୁ ଅନୁମତି ଅଛି କି ସେ ଉଚିତ୍ କାରଣ ଯୋଗୁଁ ତଲାକ୍ ଦେଇପାରିବ । ସେହିଭଳି ମହିଳାମାନଙ୍କୁ ମଧ୍ୟ ଅନୁମତି ଦିଆଯାଇଛି କି ସେମାନେ ଉଚିତ୍ କାରଣ ଯୋଗୁଁ ପୁରୁଷ ଠାରୁ ଖୁଲା ନେଇପାରିବେ । ଇସଲାମ ତଲାକ୍‌ର ଏପରି ପ୍ରକ୍ରିୟା ମଧ୍ୟରେ ଯେଉଁ ସମୟର ବ୍ୟବଧାନ ରଖିଛି,ତାହାର ଉଦ୍ଦେଶ୍ୟ ଏହା ହିଁ ଯେ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କୁ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରିବାର ସମୟ ମିଳିପାରୁ । କିନ୍ତୁ ଇସଲାମର ସଠିକ ବିଧାନ ଓ ନୀତି ନିୟମ ନଜାଣିପାରି ଏକକାଳିନ ''ତଲାକ୍'' ''ତଲାକ୍'' ''ତଲାକ୍''କହିଦେଇ ସ୍ୱାମୀ ସ୍ତ୍ରୀ ଠାରୁ ଏବଂ ସ୍ତ୍ରୀ ସ୍ୱାମୀ ଠାରୁ ଅଲଗା ହୋଇଯିବା ଏକ ନିଷ୍ଠୁରତାର ପରିଚୟ ମାତ୍ର । ଇସଲାମ ସର୍ବକ୍ଷେତ୍ରରେ ମଧ୍ୟମ ନୀତିକୁ ଆପଣାଇ ଥାଏ । ପ୍ରକୃତିର ନିୟମକୁ ଭଙ୍ଗ ନକରି ଅନୁକୂଳ ପ୍ରକ୍ରିୟାରେ ସବୁ ସମସ୍ୟାର ସମାଧାନ କରିଥାଏ । କାହାରି ଉପରେ ଅନ୍ୟାୟ ଅତ୍ୟାଚାର କରିନଥାଏ କି କାହାରି ଅଧିକାରକୁ ଛଡ଼ାଇ ନେଇନଥାଏ । ବରଂ ସର୍ବେ ଭବନ୍ତୁ ସୁଖିନଃର ଶାନ୍ତି ଓ ଶୃଙ୍ଖଳିତର ବାର୍ତ୍ତା ଦେଇଥାଏ । ଇସଲାମ ଧର୍ମର ପ୍ରବର୍ତକ ପୈଗମ୍ବର ହଜରତ ମୁହମ୍ମଦ ସ:ଅ:ସ କହିଛନ୍ତି, ତଲାକ୍ ଦେବା ମୋତେ ବହୁତ ଦୁଃଖ ଦେଇଥାଏ । ନିଃସନ୍ଦେହରେ ଏହା ଏକ ଘୃଣ୍ୟ କାର୍ଯ୍ୟ । ଏହାର ଅପର ପକ୍ଷେ ଇସଲାମ ବୈବାହିକ ଜୀବନକୁ ସୁଖ ଶାନ୍ତିରେ ଅତିବାହିତ କରିବା ଲାଗି ପ୍ରତ୍ୟେକ ପୁରୁଷ ତଥା ସ୍ତ୍ରୀ ଉଭୟ ପ୍ରତି କେତେକ କର୍ତବ୍ୟ ନ୍ୟସ୍ତ କରିଛି । ପ୍ରଥମତଃ ପୁରୁଷକୁ ଆଦେଶ ଦିଆଯାଇଛି କି ସେ ବିବାହ ନିମନ୍ତେ ଏକ ସୁନ୍ଦର ସୁଶୀଳ ଏବଂ ଗୁଣବନ୍ତି ତଥା ଧାର୍ମିକ ମହିଳାର ଚୟନ କରୁ । ଯଦ୍ଦ୍ୱାରା ସର୍ବଦା ପରିବାରରେ ଧର୍ମପରାୟଣତା, ଭଦ୍ରତା ଓ ଶାନ୍ତି ତିଷ୍ଠି ରହିପାରୁ । ବିବାହ ପରେ ସ୍ତ୍ରୀ ସହ ଉତମ ବ୍ୟବହାର କରାଯାଉ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏକତା ଏବଂ ଉପଯୁକ୍ତ ବୁଝାମଣା ରହୁ । ଜଣେ ଅନ୍ୟ ଜଣ ପ୍ରତି ସମ୍ମାନ ଓ ଶ୍ରଦ୍ଧା ବ୍ୟକ୍ତ କରୁ । କ୍ଷମା ଓ ଦୟାଭାବ ପ୍ରଦର୍ଶନ କରୁ । ଛୋଟ ଛୋଟ କଥାରେ ରାଗରୋଷ ତଥା ଅସାମାଜିକ ଓ ଅଶ୍ଳୀଳ ଭାଷା ନକୁହାଯାଉ । ପୁରୁଷ,ସ୍ତ୍ରୀର ପିତାମାତା ପ୍ରତି ଏବଂ ସ୍ତ୍ରୀ,ପୁରୁଷର ପିତା ମାତା ପ୍ରତି ସର୍ବଦା ସମ୍ମାନ ଓ ସେବାର ମନୋଭାବ ବ୍ୟକ୍ତ କରୁ । ପରିବାରର ବଡ଼ମାନଙ୍କ ପ୍ରତି ଶ୍ରଦ୍ଧା ଓ ଛୋଟମାନଙ୍କ ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କରାଯାଉ । ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯଦି ଆମେ ଭଲଭାବେ ବୁଝି ତଦନୁଯାୟୀ କାର୍ଯ୍ୟକାରି କରିବା ନିଶ୍ଚିତରେ ଆମ ବୈବାହିକ ଜୀବନ ସୁଖ ସମୃଦ୍ଧିରେ ଅଗ୍ରସର ହୋଇପାରିବ । ଆଜିର ଏହି ଅଶାନ୍ତ ଓ ଆତଙ୍କିତ ବିଶ୍ୱରେ ଅହମଦୀୟା ମୁସଲିମ ଜମାତ ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯାହା ଆଜି କେତେକ ମୁଲ୍ଲା ଓ ମୌଲବାଦୀମାନଙ୍କ ଯୋଗୁଁ ଅପଭ୍ରଂଶ ହୋଇଯାଇଛି ପୁନଃସ୍ଥାପିତ କରିବା ତଥା ବିଶ୍ୱଶାନ୍ତି, ଭ୍ରାତୃଭାବ ଏବଂ ମାନବାଧିକାର ସ୍ଥାପିତ କରିବା ପାଇଁ ଆମର ଏହା ଆଉ ଏକ ପ୍ରୟାସ ।

କେରଙ୍ଗ,ଖୋର୍ଦ୍ଧା-୯୬୯୨୨୨୫୦୫୭
haquekhan77@gmail.com

# ଖୁତ୍‌ବା ଜୁମା

♦ ମୁଁ ବିଗତ ଦିନରେ କାନାଡ଼ା ଗସ୍ତରେ ଥିଲି । ପାଖାପାଖି ଛଅ ସପ୍ତାହର ପ୍ରୋଗ୍ରାମ ଥିଲା । ଅଲ୍ଲାହ୍‌ଙ୍କ ଦୟାରୁ ଏ ଗସ୍ତ, ଯମାତି ପ୍ରୋଗ୍ରାମ୍ ଓ ଅନ୍ୟମାନଙ୍କ ସହିତ ଯେଉଁ ପ୍ରୋଗ୍ରାମ୍ ଥିଲା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ରହିଲା ।

♦ ଅଲ୍ଲାହ୍‌ଙ୍କ ଦୟାରୁ କାନାଡ଼ାର ଯମାତ ମଧ୍ୟ ଅନ୍ୟ ଯମାତ୍ ପରି ନିଷ୍ଠା ଓ ପ୍ରେମର ସହିତ ଆଗକୁ ବଢ଼ି ଚାଲିଛି । ଅଲ୍ଲାହ୍‌ଙ୍କ ଦୟାରୁ ନବ ଯୁବକ ଓ ଯବତୀମାନେ ଯମାତି କାର୍ଯ୍ୟରେ ଆଗକୁ ବଢ଼ିବା ପାଇଁ ମନ ବଳାଇଛନ୍ତି । ବିଶେଷ କରି ଯୁବକମାନେ ପ୍ରେସ୍ ଓ ମିଡ଼ିଆ ନିମନ୍ତେ ବହୁତ କାର୍ଯ୍ୟ କରିଛନ୍ତି । ବିସ୍ତୃତ ରୂପେ ଯମାତକୁ ଚିହ୍ନାଇବା ପାଇଁ ଚେଷ୍ଟା କରିଛନ୍ତି । ଅଲ୍ଲାହ୍‌ତାଲା ତାଙ୍କ ଚେଷ୍ଟାର ଫଳ ମଧ୍ୟ ଦେଲେ । କିନ୍ତୁ ପ୍ରକୃତରେ ଏହା କେବଳ ଅଲ୍ଲାହ୍‌ଙ୍କ ଦୟା ଦ୍ୱାରା ହେଲା । ସେମାନେ ତ ଆଙ୍ଗୁଳି ଲଗାଇଥିଲେ କିନ୍ତୁ ଅଲ୍ଲାହ୍‌ତାଲା ସେଥିରେ ପ୍ରଚୁର ଆଶୀର୍ବାଦ ଢ଼ାଳିଦେଲେ । ପରନ୍ତୁ ଏହି କାର୍ଯ୍ୟ କରିଥିବା ଯୁବକମାନେ ନିଜେ ମାନିନେଲେ ଯେ ଆମ ଆଶାଠାରୁ ଅଧିକ ଫଳ ମିଳିଲା ।

♦ ଅଲ୍ଲାହ୍‌ଙ୍କ ଦୟାରୁ ସେଠି ତିନିଟି ନୁଆ ମସ୍‌ଜିଦ୍ ତିଆରି ହୋଇଛି । ଦୁଇଟି ମସ୍‌ଜିଦ୍‌ରେ ଯେଉଁ (Function) ସଭା ଥିଲା ସେଥିରେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା । ପାର୍ଲିଆମେଂଟ୍‌ରେ ମଧ୍ୟ ଏକ (Function) ସଭା ଥିଲା । (York) ୟର୍କ ୟୁନିଭରସିଟିରେ ମଧ୍ୟ ବକ୍ତୃତା ହେଲା । ଟୋରାଂଟୋରେ Peace Shymposium ହେଲା । କେଲଗିରିରେ Peace Shymposium ହେଲା ଯେଉଁଠି ଅନ୍ୟଙ୍କ ସମ୍ମୁଖରେ ଇସ୍‌ଲାମୀୟ ଶିକ୍ଷା ଉପସ୍ଥାପନ କରିବାର ସୁଯୋଗ ମିଳିଲା । ଅଲ୍ଲାହ୍‌ଙ୍କ ଦୟାରୁ ସବୁଠି ଇସ୍‌ଲାମୀୟ ଶିକ୍ଷାର ସୌନ୍ଦର୍ଯ୍ୟକୁ ଲୋକମାନେ ପସନ୍ଦ କଲେ ।

♦ ଟୋରାଂଟୋରେ ତିନିଟି ଇଂଟରଭିଉ ହେଲା । ସେଥିରେ ଗୋଟିଏ ଗ୍ଲୋବାଲ୍ ନିଉଜ ଟୋରାଂଟୋ ଥିଲା, ଦ୍ୱିତୀୟ ସାକ୍ଷାତକାର CBC ର ଥିଲା ଯିଏ ସେଠିକାର ଜାତୀୟ ନ୍ୟୁଜ୍ ଚ୍ୟାନେଲ୍ ଅଟେ । ଏହିପରି ଗ୍ଲୋବ୍ ଏଣ୍ଡ୍ ମେଲ୍ ଗୋଟିଏ ଜାତୀୟ ଖବର କାଗଜ ସହିତ ସାକ୍ଷାତକାର ।

♦ ପାର୍ଲିଆମେଂଟ୍ ହିଲ୍ ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମର ବିସ୍ତୃତ ବିବରଣୀ ଓ ସେଥିରେ ସାମିଲ୍ ହୋଇଥିବା ଅତିଥିମାନଙ୍କର ଅନୁଭୂତି, ଅଭିମତ ଓ ଅଭିଜ୍ଞତା ଓ ତାଙ୍କର ମନମୁଗ୍ଧକାରୀ ବର୍ଣ୍ଣନା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ:୧୮ ନଭେମ୍ବର ୨୦୧୬ ଅନୁଯାୟୀ ୧୮ ନବୁଓ୍ୱତ୍ ୧୩୯୫ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّآ إِلٰهَ إِلَّا اللهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ - بِسْمِ اللهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଯେପରିକି ସମସ୍ତେ ଜାଣନ୍ତି ବିଗତ ଦିନରେ ମୁଁ କାନେଡ଼ା ଗସ୍ତରେ ଥିଲି, ପାଖାପାଖି ଛ ସପ୍ତାହର କାର୍ଯ୍ୟକ୍ରମ ଥିଲା । ଅଲ୍ଲାହ୍‌ତାଲାଙ୍କ କୃପାରୁ ଜମାଅତର କାର୍ଯ୍ୟକ୍ରମ ତଥା ଅଣଅହେମଦିଙ୍କ ସହ ଥିବା କାର୍ଯ୍ୟକ୍ରମ ସମସ୍ତ ଦିଗରୁ ଏହି ଗସ୍ତ ସଫଳ ରହିଲା । କାନାଡ଼ାର ବାର୍ଷିକ ଧର୍ମ ସମ୍ମିଳନୀ ପରେ ହିଁ ମୁଁ (ଜଲସାରେ ଯୋଗଦେଇଥିବା) ଲୋକମାନଙ୍କ ପ୍ରତିକ୍ରିୟା, ସେଠାକାର ବ୍ୟବସ୍ଥା ସମ୍ବନ୍ଧିୟ ସୂଚନା ଓ ଅଲ୍ଲାହ୍‌ଙ୍କ କୃପାର କୃତଜ୍ଞତାର ଚର୍ଚ୍ଚା ତାହାର ଆସନ୍ତା ଖୁତବାରେ କରିଦେଇଥିଲି । ଆଜି ବାକି ଅନ୍ୟାନ୍ୟ ବ୍ୟସ୍ତତା ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ କିଛି ଚର୍ଚ୍ଚା କରିବି ।

ଅଲ୍ଲାହ୍‌ଙ୍କ କୃପାରୁ ଅନ୍ୟ ଜମାଅତ ପରି କାନାଡ଼ା ଜମାଅତ ମଧ୍ୟ ନିଷ୍ଠାପରତା ଓ ବିଶ୍ୱସ୍ତତା କ୍ଷେତ୍ରରେ ବେଶ୍ ଆଗକୁ ଗୋଡ଼ ବଢ଼ାଇବା ଜମାଅତ ଅଟେ । ବିଶେଷକରି ପ୍ରେସ ଓ ମିଡ଼ିୟା କ୍ଷେତ୍ରରେ ସେଠାକାର ଯୁବ ଗୋଷ୍ଠୀ ବେଶ୍ କର୍ମଠ ଅଟନ୍ତି । ବୃହତାଙ୍କାକ୍ଷା ପରି (ଜମାଅତର) ପରିଚୟ ଦେବା ପାଇଁ ସେମାନେ ଚେଷ୍ଟା କରିଥିଲେ ଏବଂ ଅଲ୍ଲାହ୍‌ତାଲା ମଧ୍ୟ ସେମାନଙ୍କୁ ତାହାର ସୁଫଳ ପ୍ରଦାନ କରିଥିଲେ । ରାଜନୈତିକ ଓ ସେଠିକାର ପ୍ରଶାସନିକ ବ୍ୟକ୍ତି ବିଶେଷଙ୍କ ସହିତ ପ୍ରଥମରୁ ପରିଚୟ ଥିଲା ଏବଂ ଉତମ ଯୋଗାଯୋଗ ଥିଲା । ସେଥିରେ ମଧ୍ୟ ସେମାନେ ଉନ୍ନତି କରିବା ସଙ୍ଗେ ସଙ୍ଗେ ମିଡ଼ିଆ ସହିତ ଯୋଗାଯୋଗ ଉତମ ରୂପେ ବାରି ହେଉଥିଲା । ବାସ୍ତବରେ ଏହା କେବଳ ଅଲ୍ଲାହ୍‌ଙ୍କ କୃପା ଦ୍ୱାରା ହିଁ ସମ୍ଭବ ହେଲା । ସେମାନେ ତ କେବଳ ଆଙ୍ଗୁଳି ଲଗାଇଥିଲେ କିନ୍ତୁ ଅଲ୍ଲାହ୍‌ତାଲା ସେଥିରେ ତାଙ୍କର ପ୍ରଚୁର ଆଶୀର୍ବାଦ ଢ଼ାଳିଦେଲେ ଓ ଏଭଳି କୃପା ବର୍ଷଣ କରିଥିଲେ ଯେ ଉକ୍ତ ଯୁବକମାନେ ମଧ୍ୟ ସ୍ୱୀକାର କଲେ କି ଏହା ତ ଆମ ଆଶା ଠାରୁ ବଳି Response ଅଟେ । ଆମର ତ ଚେଷ୍ଟା ହେଉଥିଲା ଯେ, ପ୍ରେସ୍‌ରେ ଆମର କୌଣସି ଖବର ଆସିଯାଉ, ବା କୌଣସି ବାର୍ତ୍ତା ଆସିଯାଉ । ଯଦ୍ୱାରା ଯମାତ୍‌ର ପରିଚୟ ହେବ ଇସ୍‌ଲାମ୍‌ର ପରିଚୟ ହେବ । କିନ୍ତୁ ପ୍ରେସ୍ ମିଡ଼ିଆ ବହୁତ ନଖରା (ଖେଳ) କରୁଥିଲେ । କିନ୍ତୁ ଏଥରକ ଏପରି ଅବସ୍ଥା ଥିଲା କି ମିଡ଼ିଆକର୍ମୀ ଆମ ପଛରେ ପଡ଼ିଯାଇଥିଲେ କି ଆମକୁ ସମୟ ଦିଅ ଆମକୁ ଯମାତ୍ ଅହମଦୀୟାର ଇମାମ୍‌ଙ୍କ ସହିତ ଇଂଟରଭିଉ ନେବାର ଅଛି । ତାଙ୍କ ସହିତ ବାର୍ତାଳାପ କରିବାର ଅଛି ଇତ୍ୟାଦି । କିନ୍ତୁ ସମୟର ଅଭାବ ଯୋଗୁଁ ଯେମିତି ସମ୍ଭବ ହେଲା ସେତିକି କରାହେଲା । ଅନ୍ୟ ସମସ୍ତଙ୍କୁ କ୍ଷମା ପ୍ରାର୍ଥନା କରାଗଲା । ସେଠି ଆମର ଯେଉଁ ମିଡ଼ିଆ ଟିମ୍ ଅଛନ୍ତି, ସେମାନଙ୍କୁ ଦରକାର ଯେ ଯେଉଁମାନଙ୍କୁ ସମୟ ଦିଆଯାଇପାରିନଥିଲା । ଏବେ ସେମାନଙ୍କ ସହିତ ସମ୍ପର୍କ ରଖନ୍ତୁ । ତାଙ୍କ ପାଖକୁ ଯାଇ କ୍ଷମା ମାଗନ୍ତୁ ବା ଦରଖାସ୍ତ ଦ୍ୱାରା କ୍ଷମା ମାଗନ୍ତୁ । ଏହା ଅନ୍ୟ ସମୟରେ ସମ୍ପର୍କ ସ୍ଥାପନ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

ଯାହା ହେଉ ଏବେ ମୁଁ ସଂକ୍ଷେପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ସେମାନଙ୍କର ଚିନ୍ତାଧାରା ଓ ଅଭିମତ ବର୍ଣ୍ଣନା କରିବି ।

ଅଲ୍ଲାହ୍‌ଙ୍କ କୃପାରୁ ସେଠାରେ ତିନୋଟି ମସଜିଦ୍‌ର ଉଦ୍‌ଘାଟନ କରାଗଲା କିନ୍ତୁ ଦୁଇଟି ମସଜିଦ୍‌ର ଉଦଘାଟନ ଅବସରରେ ଅଣଅହେମଦି ବନ୍ଧୁମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସଂସଦ ଓ York University ରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏତତ୍ ବ୍ୟତୀତ ଟୋରାଂଟୋ ଓ କଲଗରିରେ Peace Symposiums ର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଠାରେ ଅଣଅହେମଦିଙ୍କୁ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ଅବଗତ କରେଇବାର ସୁଯୋଗ ମିଳିଲା । ଅଲ୍ଲାହ୍‌ଙ୍କ କୃପାରୁ ପ୍ରତ୍ୟେକ ସ୍ଥାନରେ ଲୋକମାନେ ଇସଲାମୀୟ ଶିକ୍ଷାର ସୌନ୍ଦର୍ଯ୍ୟତା ସ୍ୱୀକାର କଲେ । ସର୍ବ ପ୍ରଥମେ ମୁଁ ଟୋରାଂଟୋରେ media coverage ର ସଂକ୍ଷିପ୍ତ ଆଲୋଚନା କରିଦେଉଛି । ଟୋରାଂଟୋରେ ତିନଟି ସାକ୍ଷାତକାର୍ ବ୍ୟତିତ ଯେଉଁ ବିଶେଷ କାର୍ଯ୍ୟମାନ ଥିଲା, ତାହା ବିଶ୍ୱବିଦ୍ୟାଳୟକୁ ସମ୍ବୋଧନ ଥିଲା । ତାହାର ବର୍ଣ୍ଣନା ଆଗକୁ ଆସିବ ।

ଟୋରାଂଟୋରେ ମୋର ତିନୋଟି News Channels inerview ନେଲେ, ପ୍ରଥମେ Global News ଟୋରାଂଟୋ ନେଇ ତାହାର ପ୍ରସାରଣ ଦେଖାଇଲା ଯାହାକୁ ପାଖାପାଖି ତିନି ଲକ୍ଷ ଲୋକେ ଦେଖିଲେ । ଏ ରିପୋର୍ଟ ଆସିବା ବେଳକୁ ଏକ ଲକ୍ଷ ଲୋକ ଏହାକୁ ଅନ୍ ଲାଇନ୍ ଦେଖି ସାରିଥିଲେ ।

ଦ୍ୱିତୀୟରେ CBC ଯାହାକି ସେମାନଙ୍କର National News Channel ଅଟେ । ତା'ର ଜଣେ ବିଖ୍ୟାତ ଜର୍ନାଲିଷ୍ଟ୍ ଚିଫ୍‌କାର୍ସପାଣ୍ଡେଟ୍ ପିଟର୍ଜମେନ୍ ବ୍ରଜ ମୋର ସାକ୍ଷାତକାର ନେଲେ । ଏହାତ ଆଗରୁ ନିଆଯାଇଥିଲା । କିନ୍ତୁ ଦୁଇ ସପ୍ତାହ ପରେ ତାଙ୍କ

ପ୍ରୋଗ୍ରାମରେ ପସାରଣ କଲେ ।

ସେମାନେ ମୋର ପାଖାପାଖି ଅଧ ଘଂଟାର interview ନେଇ ନିଜ ଚ୍ୟାନେଲରେ ପ୍ରସାରଣ କଲେ । ଯେପରି ମୁଁ କହିଲି ଇଏ ସେଠିକାର ସବୁଠାରୁ ସିନିୟର ଜର୍ନାଲିଷ୍ଟ ଅଟନ୍ତି ଏବଂ ତାଙ୍କର ବହୁତ କ୍ଷାତି ଅଛି ଇସ୍‌ଲାମ୍ ସମ୍ପର୍କରେ । ସଂସାରରେ ବର୍ତ୍ତମାନ ପରିସ୍ଥିତି ବିଷୟରେ ଆଜିକାଲି ଚରମପନ୍ଥୀମାନେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରିରଖିଛନ୍ତି । ଏ ସମ୍ପର୍କରେ ବହୁତ ଗୁଡିଏ ଚର୍ଚ୍ଚା କରାଗଲା । ଯାହାର କିଛି ଭାଗ ସେ ପ୍ରସାରଣ କଲେ, କିଛି ରଖିଲେ ନାହିଁ । ମୋଟାମୋଟି ଭାବେ ବହୁତ ଭଲ ପ୍ରସାରଣ ହେଲା ।

ଯଦ୍ଦ୍ୱାରା ୧୦ମିଲିୟନ ଲୋକଙ୍କ ନିକଟରେ ଜମାଅତର ବାର୍ତ୍ତା ପହଂଚିଲା । ସେହିପରି ସେଠାରେ Globe & Mail ନାମରେ ଏକ ରାଷ୍ଟ୍ରିୟ ଖବର କାଗଜ ପ୍ରକାଶ ପାଉଛି । ଯେ (ଆମର) ଖବର ବେଶ୍ ବିସ୍ତାର ଭାବରେ ପ୍ରକାଶିତ କଲେ ଏବଂ YouTube ରେ ମଧ୍ୟ ପ୍ରସାରିତ ହେଲା ଯଦ୍ଦ୍ୱାରା ଏକ ମିଲିୟନ ଲୋକେ ଜମାଅତ ସମ୍ବନ୍ଧରେ ଅବଗତ ହେଲେ । ଏବଂ ପୁଣି ଖବରକାଗଜ ମାଧ୍ୟମରେ, ଯେଉଁଥିରେ ବହୁତ ବିସ୍ତୃତରୂପେ ଖବର ଛପାଯାଇଥିଲା । ପୁଣି ବିଶ୍ୱ ବିଦ୍ୟାଳୟରେ ଭାଷଣ ହେଲା । ଉକ୍ତ ଭାଷଣ ବିଷୟରେ ଖବରକାଗଜ ଓ ପତ୍ରିକାରେ ଖବର ବାହାରିଲା ଏବଂ ଏହା Coverpage ମଧ୍ୟ ପାଖାପାଖି ପାଂଚ ଲକ୍ଷ ଲୋକ ପର୍ଯ୍ୟନ୍ତ ହେଲା ।

ହଜୁର ଅନୱ୍ୱର ଅ.ବ କହିଲେ- ବର୍ତ୍ତମାନ ମୁଁ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଚର୍ଚ୍ଚା କରିଦେଉଛି । ଜଲସା ପରେ ପ୍ରଥମ (କାର୍ଯ୍ୟକ୍ରମ) କାନେଡ଼ାର ରାଜଧାନୀ ଆଟଓାର ସଂସଦରେ ଅନୁଷ୍ଠିତ ହେଲା । ସେଠାରେ ପାଖାପାଖି ପୁରା ଦିନ ବ୍ୟସ୍ତତା ରହିଲା, ଲୋକଙ୍କ ସହ ସାକ୍ଷାତ, P.M ଓ ସେମାନଙ୍କ ଅନ୍ୟ Ministers ଙ୍କ ସହ ବେଶ୍ ସୁନ୍ଦର ପରିବେଶରେ କଥାବାର୍ତ୍ତା ହେଲା । ସର୍ବଦା ଜମାଅତ ସହ ସେମାନଙ୍କର ସାହାଯ୍ୟ ଓ ସହଯୋଗ ଥିବାରୁ ମୁଁ ସେମାନଙ୍କୁ ସେଥିପାଇଁ ଧନ୍ୟବାଦ ପ୍ରଦାନ କଲି ।

କାନେଡ଼ାର ସଂସଦରେ ଯେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା ସେଥିରେ କାନେଡ଼ା ଶାସକ ଦଳର ଛ ଜଣ Ministers, ୫୭ଜଣ ସାଂସଦ, ଏଗାର ଗୋଟି ରାଷ୍ଟ୍ରର ରାଜଦୂତ, ଆମେରିକା ରାଜଦୂତଙ୍କ First Security, ଲିବିୟାର ରାଜଦୂତଙ୍କ ପ୍ରତିନିଧିମାନେ ସାମିଲ ଥିଲେ । ଓ୍ୱନଟାରଓ୍ୱା ରାଜ୍ୟର Minister ମଧ୍ୟ ଉପସ୍ଥିତ ଥିଲେ । ତିରିଶରୁ ଅଧିକ ବିଶିଷ୍ଟ ମାନ୍ୟଗଣ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯେଉଁଥିରେ Chief of Staf Ministers, Evangelical Fellowship ର ଅଧକ୍ଷ,Canedian Red Cross Chief,Communication officer ଆଦି ସାମିଲ ଥିଲେ । RCMP ର Assitant Commissoner ସାମିଲ ଥିଲେ । ଆଟଓ୍ୱା ଓ କାରଲଟନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା କେତେକ Dean & Vice President ମଧ୍ୟ ଉପସ୍ଥିତ ଥିଲେ । Canedian Council For Muslim ର ଅଧକ୍ଷ, U.S ର ପ୍ରତିନିଧି ତଥା କେତେକ Think tank ର ସଦସ୍ୟ ସାମିଲ ଥିଲେ । ଏପରି ସେଠାରେ ବିଶ୍ୱର ବିଭିନ୍ନ ଯୋଜନା ପ୍ରସ୍ତୁତକାରୀ ଓ ବ୍ୟବସ୍ଥା ପରିଚାଳନାକାରୀଙ୍କ ଦଳ ଏକତ୍ରିତ ଥିଲେ ଏବଂ ସେହି ମାନ୍ୟଗଣ ବ୍ୟକ୍ତିଙ୍କ ମଧ୍ୟରେ ଇସଲାମୀୟ ଶିକ୍ଷା ଉପସ୍ଥାପନ କରିବାର ସୁନ୍ଦର ଅବସର ମିଳିଗଲା । ସେମାନଙ୍କ କାର୍ଯ୍ୟକଳାପ ତଥା ସେମାନଙ୍କ ଦ୍ୱିପାକ୍ଷିକ ଆଚରଣକୁ ଉନ୍ମୁକ୍ତ କରି ମୁଁ ସେମାନଙ୍କୁ ଦର୍ଶାଇଲି ଯେ କେବଳ ମୁସଲମାନମାନଙ୍କ ଉପରେ ଦୋଷ ଲଦିଦେଲେ ହେବ ନାହିଁ ବରଂ ତୁମ ନିଜର କାର୍ଯ୍ୟକଳାପ ପ୍ରତି ମଧ୍ୟ ନଜର ରଖ କାରଣ ତୁମମାନଙ୍କ ହରକତ୍ ଯୋଗୁଁ ସଂସାରରେ ବିଭ୍ରାଟ ସୃଷ୍ଟି ହେଉଛି । ଉକ୍ତ ସମ୍ମିଳନୀ ସମାପ୍ତ ହେବା ପରେ ଲୋକମାନଙ୍କ ଯେଉଁ ପ୍ରତିକ୍ରିୟା ଥିଲା ତାହାର ଚର୍ଚ୍ଚା କରି ହଜୁର ଅନୱ୍ୱର ଅ.ବ କହିଲେ-

ଜୁଡ଼ି ସେଗ୍ରୋ ନାମକ ଜଣେ ସାଂସଦ କହିଲେ ଇମାମ ଜମାଅତଙ୍କ ବକ୍ତବ୍ୟ ଏହି ଉପଦେଶରେ ପୂର୍ଣ୍ଣ ଥିଲା କି ଆମ୍ଭେମାନେ କିଭଳି ତୃତୀୟ ବିଶ୍ୱ ଯୁଦ୍ଧ କବଳରୁ ରକ୍ଷା ପାଇବା । ଏହା ସମ୍ପୂର୍ଣ୍ଣ ରୂପେ ସ୍ୱଷ୍ଟ ଥିଲା ଯେ ଆମକୁ ଏହି ଧ୍ୱଂସରୁ ବଂଚିବାକୁ ହେଲେ ପରସ୍ପର ସହିତ ସୁସମ୍ପର୍କ ଓ ପରିଶ୍ରମ ର ଜରୁରତ୍ ଅଛି ।

ସେ କହିଲେ ଏହି ବାର୍ତ୍ତା ସମଗ୍ର ବିଶ୍ୱବାସୀଙ୍କ ନିକଟରେ ପହଂଚିବା ଆବଶ୍ୟକ ଆଉ ଜଣେ ସାଂସଦ ଶ୍ରୀ କିଓ୍ୱନ୍ ଓ୍ୱାନ୍ କହିଲେ ଇମାମ ଜମାଅତ ଖୁବ୍ ସଂକ୍ଷିପ୍ତ ଭାବରେ ଅନେକ ବିଷୟ ଉପରେ ଆମର ଦୃଷ୍ଟି ଆକର୍ଷିତ କଲେ । ତାଙ୍କର ପବିତ୍ର କୋରାନ ମାଧ୍ୟମରେ ନିଜ ବିଷୟ ବସ୍ତୁକୁ ଉପସ୍ଥାପନ କରିବା ଶୈଳୀ ମୋତେ ବହୁତ ପ୍ରଭାବିତ କରିଛି । ଏ କଥା ବିଶେଷ କରି ମୋ ପରି ଜଣେ ଅନଭିଜ୍ଞ, ଯାହାର ଧର୍ମୀୟ ଶିକ୍ଷା ବହୁତ କମ, ବହୁତ ସୁଖକର ଥିଲା । ପ୍ରତ୍ୟେକ ନିଜ ନିଜର ଭାବନା ଅନୁସାରେ ମଝିରୁ ପ୍ରସଙ୍ଗ ବାହାର କଲେ ଏବଂ ଚର୍ଚ୍ଚା ମଧ୍ୟ କଲେ ।

ସେହିପରି ସେଠାରେ ଇସ୍ରାଇଲୀ ରାଜଦୂତ ମଧ୍ୟ ଉପସ୍ଥିତ ଥିଲେ । ସେ କହିଲେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଅଟେ । ଆଜି ଇସଲାମ ସମ୍ବନ୍ଧରେ ମୋର ମତ ପରିବର୍ତ୍ତନ ହୋଇଯାଇଛି ଏବଂ ମୋ ହୃଦୟରେ ଇସଲାମ ପ୍ରତି ସମ୍ମାନ ବଢ଼ିଯାଇଛି । ଏହି ବାର୍ତ୍ତାକୁ ପ୍ରକାଶିତ କରି ଅଧିକରୁ ଅଧିକ ଲୋକମାନଙ୍କ ନିକଟରେ ପହଂଚାଇବା ଉଚିତ୍ । ଯଦି ଲୋକେ ଏହି ବାର୍ତ୍ତାର ଅନୁକରଣ କରନ୍ତି ତେବେ ସଂସାରର ଗମ୍ଭୀର ରୁ ଗମ୍ଭୀର ସମସ୍ୟାର ସମାଧାନ କରାଯାଇପାରିବ । ଉକ୍ତ ବକ୍ତବ୍ୟରେ ମୋତେ ଧୈର୍ଯ୍ୟ ଧରିବାର କଥା ବହୁତ ପସନ୍ଦ ଆସିଲା ଏବଂ ଏକଥା ମଧ୍ୟ ଯେ ପ୍ରତ୍ୟେକ ଲୋକଙ୍କ ଅଧିକାର ସେମାନଙ୍କୁ ପ୍ରଦାନ କରିବା ଉଚିତ୍, ସେ ମୁସଲମାନ ହୁଅନ୍ତୁ ଅବା ଯହୁଦି । ପୁଣି **Senior Empigration Judge** ଏବଂ ସେଠି ଯେଉଁ **Sir Zafrullah Khan Award** ଦିଆଯାଉଛି, ଏବର୍ଷ ତାକୁ ହାସଲ କରିଥିବା **Louise Arbour** ସାହେବ ନିଜର ଅଭିମତ ପୋଷଣ କରି କହିଲେ, ଅତ୍ୟନ୍ତ ପରିଷ୍କାର ଭାଷାରେ ଇମାମ୍ ଯମାତ୍ ଅହେମଦୀୟା ଆମର ସ୍ୱଚ୍ଛତା ଓ ଦୃବଳତା ବିଷୟରେ ଅବଗତ କରାଇଲେ । ତତ୍‌ସହିତ ପଶ୍ଚିମ ସଂସ୍କୃତିର ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କଲେ । ବେଳେବେଳେ ସେମାନଙ୍କର କାର୍ଯ୍ୟକଳାପରେ ଦ୍ୱିପାକ୍ଷିକ ଅଭିମତ ଦେଖିବାକୁ ମିଳୁଛି ଏବଂ ସେମାନେ ସଂଖ୍ୟାଲଘୁଙ୍କର ଅଧିକାର ପ୍ରଦାନ କରୁନାହାନ୍ତି ।

ପୁଣି **MP Raj Saini** ସାହେବ କହିଲେ କି ଇସଲାମ୍ ଏକ ଶାନ୍ତିପ୍ରିୟ ଧର୍ମ ଅଟେ ଏବଂ ଯେଉଁ ମୁସଲ୍‌ମାନ୍‌ମାନେ ଏହି ଶାନ୍ତିର ଅନୁସରଣ କରୁନାହାନ୍ତି ସେମାନେ ସଚ୍ଚୋଟ ମୁସଲ୍‌ମାନ ନୁହନ୍ତି । ଏହିପରି ପାର୍ଲିଆମେଂଟ୍‌ର ଜଣେ ସଦସ୍ୟ ମାଜିଦ୍ ଜଓ୍ୱାହରି ସାହେବ୍ ଯିଏ ବୋଧେ କୌଣସି ଆରବୀୟ ଦେଶର ଲୋକ ଅଟନ୍ତି । ସେ କହିଲେ କି ଆଜି ଆମେ ବାର୍ତ୍ତାରେ ଶୁଣିଲେ ଯେ ସଂସାରରେ କିପରି ଶାନ୍ତିର ବାତାବରଣ ସୃଷ୍ଟି ହୋଇପାରିବ ? ଏହା ଆମପାଇଁ ବହୁତ ବଡ଼ ଆହ୍ୱାନ ଅଟେ ଯାହାକୁ ଆମକୁ ମିଳିମିଶି ସମାଧାନ କରିବାକୁ ହେବ । ସେହିପରି ଆହୁରି ମଧ୍ୟ ସମସ୍ୟା ଅଛି ଯେପରି ସାମାଜିକ ସଂକଟ, ସନ୍ତ୍ରାସବାଦି ଇତ୍ୟାଦି । ଏ ସବୁର ସମାଧାନ ପାଇଁ ଆମ ସମସ୍ତଙ୍କୁ ମିଳିମିଶି ବହୁତ ପରିଶ୍ରମ କରିବାକୁ ପଡ଼ିବ ।

**MP Kirsty Duncan** ସାହିବା ଯିଏ ପାର୍ଲିଆମେଂଟ୍‌ରେ ବିଜ୍ଞାନ ମନ୍ତ୍ରୀ ଅଛନ୍ତି । କହିଲେ ଯେ ଗୋଟିଏ ବିଶେଷ କଥା ଯାହା ମୋ ମନକୁ ଛୁଁଇଗଲା ତାହା ଏହା ଅଟେ କି ଥରେ ଯିଏ ବନ୍ଧୁ ହୋଇଯାଏ ସେ ସବୁବେଳ ପାଇଁ ବନ୍ଧୁ ହୋଇ ରହନ୍ତି । ଭାଷଣରେ ଅନେକ ଦୃଷ୍ଟିକୋଣରୁ ଚର୍ଚ୍ଚା ହେଲା, ନ୍ୟାୟ, ସମାନତା, ଶାନ୍ତି, ଯୁଗଗୋଷ୍ଠି ଜାତିସଙ୍ଘ ଏବଂ ଆମ ସମସ୍ତଙ୍କୁ ମିଶିକରି ମନୁଷ୍ୟ ଜାତିର ଉନ୍ନତି ପାଇଁ ଚେଷ୍ଟା କରିବାକୁ ହେବ । ପୁଣି କହିଲେ ଯମାତ୍ ଅହେମଦୀୟା ମୋ ପାଇଁ ଗୋଟିଏ ଦୟାଳୁ କୁଟୁମ୍ବ ପରି ଅଟେ ।

ପୁଣି ଶ୍ରୀ ନିକୋଲାଡ଼ି ଅଓ୍ୱରୟୋ ଜଣେ ସାଂସଦ, ସେ କହିଲେ (ଇମାମ ଜମାଅତ)ଙ୍କର ବକ୍ତୃତା ବେଶ୍ ସୁନ୍ଦର ଥିଲା ଯେଉଁଥିରେ ସେ ସମଗ୍ର ବିଶ୍ୱର ସମସ୍ୟାକୁ ସଂକ୍ଷିପ୍ତ ରୂପେ ଉପସ୍ଥାପନ କଲେ । ଜମାଅତ ଅହେମଦିୟା ଅତି ଉତମ ଜମାଅତ ଅଟେ ତଥା ଧାର୍ମିକ ଗୋଷ୍ଠୀ ସମୂହ ନିମନ୍ତେ ଏକ ଜ୍ୱଳନ୍ତ ଉଦାହରଣ ଅଟେ । ଇମାମ ଜମାଅତ ଆମ୍ଭର ଏଥିପ୍ରତି ଧ୍ୟାନ ଆକର୍ଷିତ କଲେ କି ଧର୍ମ କ୍ଷେତ୍ରରେ ଆତ୍ମକୁ ସଂଯମ ରକ୍ଷା କରିବା ଉଚିତ୍ । ଏହା ମଧ୍ୟ ଅଟେ କି ଆକ୍ରମଣର ଫଳ ଅଧିକ ଆକ୍ରମଣ ହୋଇଥାଏ । ଆମେ ଯଦି ସଂଯମତାକୁ ଆପଣେଇନେବା ତେବେ ଆମେ ଏକ ବଡ଼ ପରିବର୍ତ୍ତନ ଆଣିପାରିବା । ପୁଣି କହିଲେ ମୋର ଧାରଣା ଥିଲା ଯେ ଇମାମ୍ ଯମାତ୍ ଏଠାକୁ ଆସି ବୋଧେ କିଛି ଚିରାଚରିତ କଥା କହିବେ ଓ **(Vote of thanks)** ଧନ୍ୟବାଦ ସମ୍ବୋଧନ କରି ବସିଯିବେ ।

ସମ୍ଭବତଃ ଏଭଳି ସୁନ୍ଦର ବକ୍ତୃତା ମୁଁ ପୂର୍ବରୁ କଦାପି ଶୁଣି ନଥିଲି । ଆପଣ ସବୁ ସମସ୍ୟା ଉପରେ ଆଲୋକପାତ କଲେ ଯାହା ସମଗ୍ର ସଂସାର ଅନୁଭବ କରୁଛି । ଯେପରି ପାଣିପାଗର ଅନିୟମିତତା, ଆର୍ଥିକ ସମସ୍ୟା, ଗୃହ ଯୁଦ୍ଧ ଓଗେର ସବୁର କାରଣ ଅନ୍ୟାୟ ବୋଲି ଅଭିହିତ କଲେ । ବର୍ତ୍ତମାନ ସମୟର ସମସ୍ୟାଗୁଡିକର ନିରାକରଣ ବତାଇଲେ ଏବଂ ଏହା ମଧ୍ୟ କହିଲେ ଯେ ଧର୍ମ ସମ୍ପର୍କରେ କରିବା ଉଚିତ୍ ନୁହେଁ । ପୁଣି କହିଲେ ଯେ ଅସ୍ତ୍ରଶସ୍ତ୍ରର କିଣା ବିକା ହେବା ଉଚିତ୍ ନୁହେଁ, ଯାହା ବର୍ତ୍ତମାନ ପାଶ୍ଚାତ୍ୟ ଦେଶ କରୁଛି ।

ସେ କହିଲେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୋତେ ଅତ୍ୟନ୍ତ ଆନନ୍ଦ ଅନୁଭବ ହେଉଅଛି କି ମୁଁ ଜଣେ ଶାନ୍ତି ଦୂତର ବାର୍ତ୍ତା ଶୁଣିବାର ସୌଭାଗ୍ୟ ଲାଭ କରିଛି

କହିଲେ ଆପଣ ଯେପରି ଇସ୍‌ଲାମ୍‌ର ପରିଚୟ କରାଉଛନ୍ତି ତାହା ହିଁ ପ୍ରକୃତ ରୂପ ଅଟେ ।

ଜର୍ମାନୀର ରାଜଦୂତ ୱନର ୱଣେ କହିଲେ ଇମାମ ଜମାଅତ ଭବିଷ୍ୟତର ନକ୍ସା ଆମକୁ ଦେଖାଇ ଦେଇଛନ୍ତି । ଆମ୍ଭେ ସମସ୍ତେ ଏହିପରି ଶାନ୍ତି ପୂର୍ଣ୍ଣ ପରିବେଶର କାମନା କରୁଅଛେ । ତାଙ୍କର ବକ୍ତୃତାରୁ ସ୍ପଷ୍ଟ ହେଲା ଯେ, ଇସଲାମ ଏକ ଶାନ୍ତି ପୂର୍ଣ୍ଣ ଧର୍ମ ଅଟେ । ଆମ୍ଭେ ସମସ୍ତେ ୟୁରୋପରୁ ଏଠାକୁ ଆସୁଥିବା ଲୋକଙ୍କ ସହ ମିଳିମିଶି ରହିପାରିବା । ଉକ୍ତ ଅଭିଭାଷଣର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହା ଥିଲା କି ଆମ୍ଭ ସମସ୍ତଙ୍କୁ ସଂସାରର ଉନ୍ନତି ନିମନ୍ତେ ଚେଷ୍ଟା କରିବା ଉଚିତ୍ ଏବଂ ସର୍ବସାଧାରଣଙ୍କୁ ନିଜ ନିଜର ଜୀବନ ସ୍ୱତନ ଭାବରେ ଅତିବାହିତ କରିବାର ଆନୁମତି ମିଳିବା ଆବଶ୍ୟକ । ଏହା ମଧ୍ୟ ମୁଁ କହିଥିଲି ଯେ ହୁକୁମତ୍‌କୁ ଧର୍ମ ସମ୍ବନ୍ଧୀୟ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଅନ୍ୟାନ୍ୟ ସମସ୍ୟା ଅଛି ଯେପରି, ପର୍ଦ୍ଦା ବ୍ୟବସ୍ଥା, ମସ୍‌ଜିଦ୍ ଇତ୍ୟାଦି ପ୍ରସଙ୍ଗରେ ୟୁରୋପୀୟ ପ୍ରଶ୍ନ ବାଢୁଛନ୍ତି । ଏହା ଏପରି ପ୍ରଶ୍ନ ଯାହା ଫିତ୍‌ନାକୁ ଯନ୍ମ ଦିଏ ।

ଏହିପରି ଜଣେ ମୁଖ୍ୟ ଇମାମ୍ ଏବଂ Scholar ମୁହମ୍ମଦ୍ ଯବ୍‌ବାର ସାହେବ ଯିଏ ବୋଧ ହୁଏ ଜଣେ ଆରବୀୟ ଅଟନ୍ତି । ସେଠି ଗୋଟିଏ ମସ୍‌ଜିଦ୍‌ରେ ଇମାମ୍ ଅଛନ୍ତି । ସେ କହୁଛନ୍ତି ମୁଁ ଜଣେ ସୁନ୍ନି ଇମାମ୍ ଅଟେ । ମତେ ଏହା କହିବାକୁ ଦ୍ୱିଧା ହେଉନାହିଁ କି ଏ ଭାଷଣ ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ ମୂଳଦୁଆ ସଦୃଶ । ଏହି ଭାଷଣଟି ସଂସାରବାସୀଙ୍କ ପାଇଁ ବହୁତ ଜରୁରୀ ଅଟେ । ଇମାମ୍ ଯମାତ୍‌ଙ୍କ ଭାଷଣ ବିଜ୍ଞତାରେ ପରିପୂର୍ଣ୍ଣ ଥିଲା କାରଣ ଆପଣ କୌଣସି ଗୋଷ୍ଠୀକୁ ଉପରେ ଦୋଷାରୋପ କରିନାହାଁନ୍ତି ପରନ୍ତୁ ଏହା କହିଲେ ଯେ ବିଶ୍ୱରେ ଅଶାନ୍ତି ସବୁ ଗୋଷ୍ଠୀଙ୍କ ଦୁର୍ବଳତା ଯୋଗୁଁ ସୃଷ୍ଟି ହୋଇଛି । ଆମକୁ ଆମର ଦୁର୍ବଳତା ଓ ଭୁଲ୍‌କୁ ସ୍ୱୀକାର କରିବା ସହିତ ଉନ୍ନତି ପଥରେ ଅଗ୍ରସର ହେବା ଉଚିତ୍ । ଏଥିରେ ଆପଣ ଇସ୍‌ଲାମୀୟ ଶିକ୍ଷାକୁ ପେଶ୍ କରି କହିଲେ ଯେ କୌଣସି ମନୁଷ୍ୟ ଦୋଷମୁକ୍ତ ନୁହେଁ । କହିଲେ ବହୁତ ଭଲ ଭାଷଣ ଥିଲା ଏବଂ ସେହି ସବୁ ବିଷୟ ଚର୍ଚ୍ଚା କଲେ ଯାହା ପ୍ରକୃତରେ ଆବଶ୍ୟକ ଅଟେ ।.........

ପୁଣି ଜଣେ ଅତିଥି **Garnett Genuis** କହୁଛନ୍ତି କି ବାର୍ତ୍ତା ବହୁତ ଭଲ ଥିଲା କି କିପରି ଧର୍ମ ଓ ଧର୍ମଗୁରୁ ସମାଜରେ ଶାନ୍ତି ପ୍ରତିଷ୍ଠା ଓ ବର୍ତ୍ତମାନ ଯୁଗର ସମସ୍ୟାଗୁଡ଼ିକ ସମାଧାନ କରିପାରିବେ । କହୁଛନ୍ତି ଯେ ଆମେ ପରସ୍ପରକୁ ଦୋଷାରୋପ କରୁଛନ୍ତି କିନ୍ତୁ ଇମାମ୍ ଯମାତ୍ ସ୍ପଷ୍ଟ କରିଦେଲେ ଯେ କିପରି ପାଶ୍ଚାତ୍ୟ ଓ ଅନ୍ୟ ଦେଶଗୁଡ଼ିକ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରି ସଂସାରର ଅବସ୍ଥାକୁ ସୁଧାରି ପାରିବେ ।

ଜଣେ ଅତିଥି କହିଲେ ଯେ ଜଣେ ପାଶ୍ଚାତ୍ୟ ନିବାସୀ ପାର୍ଲିଆମେଂଟ୍‌ରେ ଉପସ୍ଥିତ ରହି କହିଲେ ସଂସାରର ଅଶାନ୍ତିରେ ପାଶ୍ଚାତ୍ୟ ଦେଶର ମଧ୍ୟ ହାତ ଅଛି । ଉଦାହରଣ ସ୍ୱରୂପ ଆପଣ (ଇମାମ୍ ଯମାତ୍) ଏ ବିଷୟରେ ମଧ୍ୟ ଆଲୋକପାତ କଲେ କି ଯେଉଁ ଅସ୍ତ୍ର ପାଶ୍ଚାତ୍ୟ ଦେଶ ବିକୁଛନ୍ତି, ସେଗୁଡ଼ିକ ସନ୍ତ୍ରାସବାଦୀଙ୍କ ହାତରେ କିପରି ପହଂଚୁଛି ? ଏହା ମଧ୍ୟ କହିଲେ ଯେ କାନାଡ଼ାର ଲୋକମାନେ ଯିଏ ସନ୍ତ୍ରାସବାଦୀ ହେବା ପାଇଁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ୨୦% ପ୍ରତିଶତ ସ୍ତ୍ରୀ ଲୋକ ଅଟନ୍ତି । ଯେଉଁମାନେ ଆସନ୍ତା ପିଢ଼ୀଙ୍କୁ ନଷ୍ଟ କରୁଛନ୍ତି । କହୁଛନ୍ତି ଏ ବିଷୟ ମତେ ବହୁତ ଭଲ ଲାଗିଲା ଯେ ଆପଣ ପବିତ୍ର କୋରାନ୍‌ର ପ୍ରସଙ୍ଗରେ ଭାଷଣ ଦେଲେ କି ଆମକୁ ଆମର ପ୍ରତିଶ୍ରୁତି ଓ ଅମାନତ୍‌କୁ ପୁରା କରିବା ଉଚିତ୍ । ପୁଣି ଚର୍ଚ୍ଚା କରି କହିଲେ ଯେ ମୁସଲ୍‌ମାନଙ୍କ ଓ୍ୱଲେମାମାନେ ସାଧାରଣ ମୁସଲ୍‌ମାନଙ୍କୁ ବିପଥଗାମୀ କରାଉଛନ୍ତି । ଏଥିପାଇଁ ଫସାଦ୍ ବଢ଼ିଚାଲୁଛି । ପାଶ୍ଚାତ୍ୟ ଦେଶକୁ ଉପଦେଶ ଦେଇ କହିଲେ ଯେ ସେମାନେ ତ ବାକ୍ ସ୍ୱାଧୀନତାକୁ ଓ ବ୍ୟକ୍ତି ସ୍ୱାଧୀନତାକୁ ପ୍ରକଟ କରନ୍ତି ବୋଲି କହନ୍ତି । କିନ୍ତୁ ବର୍ତ୍ତମାନ ତାହା ଅମଳ କରି ଦେଖାଇବାକୁ ହେବ ଏବଂ ଧର୍ମୀୟ ଭାବନାରେ ହସ୍ତକ୍ଷେପ ନ କରନ୍ତୁ ଯେପରି ହିଯାବ୍ (ବୁର୍ଖା) ଉପରେ କଟକଣା ବା ଉପାସନା ଗୃହ ଉପରେ କଟକଣା ଇତ୍ୟାଦି । କହିଲେ ବହୁତ ସୁନ୍ଦର ରୂପେ ଆପଣ ପାଶ୍ଚାତ୍ୟର ଦୃଷ୍ଟି ଆକର୍ଷଣ କଲେ ।

ଏପରି କିଛି ଉଦାହରଣ ମୁଁ ଦେଲି ଏହିପରି ବହୁତ ବାର୍ତ୍ତା ମନ୍ତ୍ରୀମାନଙ୍କର ଓ ଅନ୍ୟ ଲୋକମାନଙ୍କର ମଧ୍ୟ ଅଛି ।

ସଂସଦର media coverage ରେ ସର୍ବ ପ୍ରଥମେ P.M ନିଜ twitter a/c ରେ ଲେଖିଲେ ଯେ ଆଜି ଆଟୱାରେ ଜମାଅତ ଅହେମଦିୟାର ଖଲିଫା ମିର୍ଜା ମସରୁର ଅହେମଦଙ୍କ ସହ ସାକ୍ଷାତ କରି ବହୁତ ଖୁସି ଲାଗୁଛି । ସେଥିରେ ସେ ଆମର ଫଟୋ ମଧ୍ୟ ଛାଡ଼ିଥିଲେ ଓ ବାର୍ତ୍ତାକୁ ଅବ୍ୟାହତ ରଖିଥିଲେ । ଖବର କାଗଜ ଓ ଅନ୍ୟାନ୍ୟ ମାଧ୍ୟମ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ପାଖାପାଖି ସାଢେ ଚାରି ମିଲିୟନ ଲୋକଙ୍କ ନିକଟରେ ପହଂଚିଥିଲା । ସେହିପରି ଟୋରେଣ୍ଟୋର ଏଡ୍ୱାନେ ତାହେରରେ ଏକ Peace Symposium ଥିଲା । ଯେଉଁଥିରେ ୬୧୪ଜଣ ଅଣଅହେମଦି ଓ ଅଣମୁସଲମାନ ଅତିଥି ଯୋଗ ଦେଇଥିଲେ । ଯେଉଁଥିରେ ବିଭିନ୍ନ ଅଂଚଳର ମେୟର, କାଉନ୍‌ସିଲର, ସମ୍ପାଦକ, ଡ଼ାକ୍ତର, ଅଧ୍ୟାପକ, ଶିକ୍ଷକ, ଓକିଲ ତଥା ବିଭିନ୍ନ ବିଭାଗ ସହ ସଂପୃକ୍ତ ଲୋକମାନେ ସାମିଲ ଥିଲେ ।

Presbyterian Church ର ପାଦ୍ରୀ କହିଲେ ଆଜି ଇମାମ ଜମାଅତଙ୍କ ବକ୍ତୃତାରେ ମୁଁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କାରଣ ତାହା ଶାନ୍ତି, ପ୍ରେମ ଓ ଆଶାର ବାର୍ତ୍ତା ଥିଲା । ଯାହା ଜାତି, ବର୍ଣ୍ଣ, ପୂର୍ବ, ପଶ୍ଚିମ ତଥା ସ୍ଥାନ କାଳ ସହ ସମ୍ପର୍କ ନଥିଲା ବରଂ ସେ ଥିଲା ସବୁଠାରୁ ବହୁ ଉର୍ଦ୍ଧ୍ୱରେ ସମଗ୍ର ସଂସାର ପାଇଁ ଥିଲା । ଉକ୍ତ ବକ୍ତୃତାର ବିଶେଷତା ଏହା କି ସଂସାରରେ ଅନେକ ମତଭେଦ, ଭୟ ଓ ଭ୍ରାମ ଧାରଣା ବଢ଼ି ଚାଲିଛି । କିନ୍ତୁ ସେ ଦର୍ଶାଇଲେ କି ଆମ୍ଭମାନଙ୍କ ମଧ୍ୟରେ ଅନେକ କଥା ସମାନ ଥିବା ସ୍ଥଳେ ଖୁବ୍ କମ୍ ପ୍ରଭେଦ ରହିଛି । ଏହା ଏକ ବହୁତ ବଡ଼ ଖୁସି ଖବର ଯାହାକି ଲୋକମାନଙ୍କୁ ଶୁଣିବା ଉଚିତ୍ ।

ଜଣେ ଅତିଥି ଗ୍ରେଗ୍ କେନେଡ଼ୀ ଯାହାଙ୍କ ଭଉଣୀ ନିକଟରେ ମୁସଲମାନ ହୋଇଛନ୍ତି କହିଲେ କି ମୁଁ ଏଠାକୁ ନିଜ ଭଉଣୀ ସାଥିରେ ଆସିଛି ଏବଂ ମୁଁ ଦେଖିବାକୁ ଚାହୁଁଥିଲି କି ଜମାଅତର ଶିକ୍ଷା କିଭଳି ଅଟେ । ଇମାମ ଜମାଅତଙ୍କର ବକ୍ତବ୍ୟ ଶୁଣିବା ପରେ ମୋ ଖୁସିର ସୀମା ନାହିଁ ଯେ, ମୋ ଭଉଣୀ ଅତ୍ୟନ୍ତ ପ୍ରେମ, ସହଯୋଗକାରୀ ଓ ଲୋକମାନଙ୍କ ସେବାରେ ତତ୍‌ପର ଲୋକମାନଙ୍କ ସହ ସମିଳିତ ହୋଇଛି । ଆଜି ଏଠାରୁ ଜାହା ସବୁ ଶିଖିଲି ସେଥିରେ ମୁଁ ବେଶ୍ ଆନନ୍ଦିତ । ଏହି Peace Shymposium ରେ ମୁଁ ଶାନ୍ତି ପ୍ରତିଷ୍ଠା ପାଇଁ ଯମାତ୍ ଅହେମଦୀୟାର ବିଶ୍ୱବ୍ୟାପି ସେବାର ମଧ୍ୟ ଚର୍ଚ୍ଚା କଲି ।

ସଂସଦର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣେ ବ୍ୟକ୍ତି ଯେ Nail Association president ଅଟନ୍ତି, ଶ୍ରୀମାନ ମହମ୍ମଦ ହଲାୱାଜି କହିଲେ ଯେତେବେଳେ ମୁଁ ସଂସଦରେ ଇମାମ ଜମାଅତଙ୍କୁ ବକ୍ତୃତା ଦେବାର ଦେଖି ଆଚମ୍ଭିତ ହେଲି କି କଣ କାନେଡ଼ାର ସଂସଦରେ ଜଣେ ମୁସଲମାନ ମୁଖ୍ୟ ଛିଡ଼ା ହୋଇ ଏପରି ନିଜ ମତ ପ୍ରକାଶ କରିପାରନ୍ତି ! ତାଙ୍କ ମଧ୍ୟରେ ଭୟର ଚିହ୍ନ ବର୍ଣ୍ଣ ନଥିଲା, ଅତ୍ୟନ୍ତ ନିର୍ଭିକତାର ସହ ନିଜ ବକ୍ତୃତା ଉପସ୍ଥାପନ କଲେ । ଏପରିକି ଲୋକମାନଙ୍କୁ ବିଶ୍ୱାସ ହୋଇଗଲା ଯେ ପ୍ରକୃତ ଇସଲାମର ଶିକ୍ଷା ଏହା ଅଟେ । ଇସଲାମ ନାମରେ ଯେଉଁ ଯୁଦ୍ଧ ହେଉଅଛି ତାହା ପଛରେ କିଛି ଲୋକମାନଙ୍କ ଆପଣା ସ୍ୱାର୍ଥ ରହିଛି । ପୁଣି କହିଲେ ଆଜିର ଭାଷଣରେ ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ'' ର ପ୍ରସଙ୍ଗରେ କଥା ହେଲେ ଯାହା ଆମର ଜୀବନଚର୍ଯ୍ୟା ହେବା ଉଚିତ୍ ଏବଂ ଏହା ହିଁ ପ୍ରକୃତ ସତ୍ୟ ।.....

ହଜୁର ଅନଓ୍ୱର ଅ.ବ କହିଲେ ତୃତୀୟ କାର୍ଯ୍ୟକ୍ରମ york university ରେ ଥିଲା । ଉକ୍ତ university ର ଗଣନା କାନେଡ଼ାର ବଡ଼ university ମଧ୍ୟରେ ହୋଇଥାଏ । ତାହାର ୧୧ ଗୋଟି ବିଭାଗ ରହିଛି । ମୁଖ୍ୟ ପରିସରରେ ୫୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ହାସଲ କରୁଛନ୍ତି । ତାହାର ଶିକ୍ଷକଙ୍କ ସଂଖ୍ୟା ପାଖାପାଖି ସାତ ହଜାର ଅଟେ । ସେଠାରୁ ବର୍ତ୍ତମାନ ସୁଧା ତିନି ଲକ୍ଷ ଛାତ୍ର ସ୍ନାତକତା ହାସଲ କରିସାରିଲେଣି । ଏହା କାନେଡ଼ାର ତୃତୀୟ ବଡ଼ university । ଏହି କାର୍ଯ୍ୟକ୍ରମରେ ଜଣେ ବନ୍ଧୁ Cat Courier ସାହେବ ଯିଏ University of ଟୋରାଂଟୋ ର ବରିଷ୍ଠ ମେମ୍ବର ଅଟନ୍ତି) କହିଲେ - ଆଜିର ଦିନ ଏକ ଉପହାର ଥିଲା । ଏହା ଶୁଣି ବହୁତ ଖୁସି ଲାଗିଲା ଯେ ଆମେ ସମସ୍ତେ ମିଶି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଛନ୍ତି ।.......

ଜଣେ ଛାତ୍ରୀ Shery Cress କହିଲେ ଉକ୍ତ କାର୍ଯ୍ୟକ୍ରମ ଯୋଗୁଁ ଆମେ ସମସ୍ତେ ଇସଲାମର ପ୍ରକୃତ ଶିକ୍ଷା ସହ ଅବଗତ ହେଲୁ ଏବଂ ବର୍ତ୍ତମାନ ଆମେ ଇସଲାମ ସମ୍ବନ୍ଧରେ କିଛି ଜାଣିପାରିଛୁ । ଏବେ ମୁଁ କେବଳ ଗୋଟିଓ ଧାରଣାରେ ନୁହେଁ ବରଂ ଇମାମ୍ ଯମାତ୍ ଯେଉଁ ଶାନ୍ତିର ବାର୍ତ୍ତା ଦେଲେ, ତାହା ସବୁ ପ୍ରଶଂସା ଯୋଗ୍ୟ ଅଟେ । ମତେ ଏହା ବହୁତ ଆନନ୍ଦିତ କଲା ଯେ ଆମର ଓ ଯମାତ୍‌ର ମୂଳ ଉଦେଶ୍ୟ ଏକ ଅଟେ ।

ଅନ୍ୟ ଏକ University ଜର୍ନାଲିଜିମ୍ Department ର ପ୍ରଫେସର୍ ନିଜର ସବୁ ଛାତ୍ରମାନଙ୍କୁ ସେଠି ଶୁଣିବା ପାଇଁ ପଠାଇଥିଲେ । ଜଣେ ମହିଳା ଜର୍ନାଲିଷ୍ଟ Yousar Albrani କହୁଛନ୍ତି ଏହା ମତେ ବହୁତ ଭଲ ଲାଗିଲା କି ଇମାମ୍ ଯମାତ୍ ଆମକୁ ନିଜ ନିଜ ଭିତରେ ଉତମ ବୁଝାମଣା କରି ରହିବା ପାଇଁ ପ୍ରବର୍ତ୍ତାଇଲେ ।........

ତଣେ ପାଦ୍ରି ସାହେବ କହିଲେ ଯାହା ସବୁ କୋରାନ୍‌ରୁ ଉପସ୍ଥାପନ କରାଗଲା ତାହା ଅତ୍ୟନ୍ତ ସରଳ ଭାଷାରେ ଥିଲା ଯାହାସବୁ ବୁଝି ହୋଇଯାଉଥିଲା . . . .

ସିସ୍‌କାଟୁନ ମଧ୍ୟ ଆମେ ଯାଇଥିଲୁ, ସେଠାରେ ଏକ Press Confarence ଅନୁଷ୍ଠିତ ହେଲା । ଜମାଅତର କାର୍ଯ୍ୟକ୍ରମ ରେଡ଼ିଓ ତଥା Press Confarence ମାଧ୍ୟମରେ ମୋଟ ୧.୭୮ ମିଲିୟନ ଲୋକଙ୍କ ନିକଟରେ ପହଂଚିଲା । ତାପରେ ରିଜାଇନାରେ ମସଜିଦ୍ ମେହମୁଦ୍‌ର ଉଦ୍‌ଘାଟନର Reception ଥିଲା ଯେଉଁଥିରେ ୨୦୦ ଜଣ ଅତିଥି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଉକ୍ତ ରାଜ୍ୟର C.M, ଉପ ମୁଖ୍ୟମନ୍ତ୍ରୀ, ମେୟର, Public Safety Minister, ବିରୋଧୀ ଦଳର ଉପସଭାପତି, ନିକଟବର୍ତ୍ତୀ ସହରର ପୂର୍ବତନ ଓ ବର୍ତ୍ତମାନର ମେୟରମାନେ, ସିସ୍‌କାଟୁନ୍ ବିଶ୍ୱବିଦ୍ୟାଳୟର ଅଧକ୍ଷ ଓ ଉପାଧକ୍ଷ, ରିଜାଇନା ବିଶ୍ୱବିଦ୍ୟାଳୟର Religious Study ବିଭାଗର head professor, ପାଦ୍ରୀ, police chief ତଥା ଅନ୍ୟାନ୍ୟ ବିଭାଗ ସହ ସଂପୃକ୍ତ

ଅତିଥିମାନେ ଯୋଗ ଦେଇଥିଲେ । ବିଶ୍ୱ ଧର୍ମ ସମୁହର ଜଣେ ଅଧ୍ୟାପକ ସେଠାରେ ମୋ ବକ୍ତବ୍ୟ ଶୁଣିବା ପରେ କହିଲେ ଇମାମ ଜମାଅତଙ୍କର ବାର୍ତା ଅତ୍ୟନ୍ତ ଶିକ୍ଷଣୀୟ ଓ ହୃଦୟ ସ୍ପର୍ଶକ ଥିଲା । ଏଭଳି ଅଭିଭାଷଣ ମୁଁ ପୂର୍ବରୁ ଅନ୍ୟ କୌଣସି ଠାରେ ଶୁଣି ନାହିଁ ।

ପୁଣି **Legislative Assembly Saskatchewan** ର ମେମ୍ବର୍ **Paul Merryman** କହିଲେ- ରାଜନିତୀ ଓ ସାଂସାରିକ କାର୍ଯ୍ୟକ୍ରମ ଭିନ୍ନ ଅଟେ । ସେଠି ଲୋକେ ଜୋର୍ ଲଗାଇ ନିଜର ଭାବନା ବ୍ୟକ୍ତ କରିଥାନ୍ତି ଏବଂ ଲୋକଙ୍କ ଉପରେ ପ୍ରଭାବ ପକାଇବା ପାଇଁ ଚେଷ୍ଟା କରିଥାନ୍ତି । କିନ୍ତୁ ଇମାମ୍ ଯମାତ୍ ଅହେମଦୀୟାଙ୍କ ନିକଟରେ ଏପରି କୌଣସି କଥା ଦେଖାଗଲାନାହିଁ । ମୋତେ ଏପରି ଲାଗିଲା ଯେପରି ଆପଣ ପ୍ରେମର ସହିତ ନିଜର ଆଡ଼କୁ ଡାକୁଛନ୍ତି ଏବଂ ସମସ୍ତଙ୍କ ସହିତ ପ୍ରେମ କରିବା ପାଇଁ ଉତ୍ସୁକ ଅଟନ୍ତି । ମୁଁ ଭାବୁଛି ପ୍ରକୃତରେ ଧର୍ମ ଓ ଆଧ୍ୟାତ୍ମିକତା ପ୍ରକୃତରେ ଏହାର ନାମ ଅଟେ । ଅର୍ଥାତ୍- ନିଜର ପଡ଼ୋଶୀଙ୍କ ସହିତ ପ୍ରେମ କରିବା ଅନ୍ୟମାନଙ୍କୁ ସାହାଯ୍ୟ କରିବା ଇତ୍ୟାଦି । ପୁଣି କହୁଛନ୍ତି କି ଯମାତ୍ ଏପରି ଏକ ମସ୍‌ଜିଦ୍ ତିଆରି କରୁ ଯାହା ପ୍ରକୃତ ଶିକ୍ଷାକୁ ପ୍ରସାରିତ କରିବ । କାରଣ ସିସ୍‌କାଟୋନ୍‌ର ସମସ୍ତ ଲୋକେ ଅନେକ ଗୁଡିଏ ଧର୍ମ ସହିତ ସଂଶ୍ଳିଷ୍ଟ ଅଛନ୍ତି । ତେଣୁ ସମସ୍ତଙ୍କୁ ପରସ୍ପର ଭିତରେ ସ୍ନେହ ଓ ସୌହାର୍ଦ୍ଦ୍ୟର ସହିତ ରହିବା ଉଚିତ୍ । ସିସ୍‌କାଟୁନର ବିରୋଧୀ ଦଳର Trent Wotherspoon ସାହେବ କହିଲେ ଆଜିର ସମ୍ମିଳନୀ ଏକ ସୁନ୍ଦର ସମ୍ମିଳନୀ ଅଟେ ଇମାମ ଜମାଅତଙ୍କର ବାର୍ତା ଅତ୍ୟନ୍ତ ପ୍ରଭାବ ଶାଳୀ ଓ ଆବଶ୍ୟକୀୟ ବାର୍ତା ଥିଲା ଏବଂ ସେ ଆମ ମଧ୍ୟରେ ଥିବା ସମାନତାକୁ ପ୍ରତିପାଦନ କଲେ । ତାଙ୍କର ସନ୍ଦେଶ **ଯାହା ନିଜ ପାଇଁ ପସନ୍ଦ କରୁଛ ତାହା ହିଁ ଅନ୍ୟ ପାଇଁ ପସନ୍ଦ କର** ଆମ୍ଭ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ (ସନ୍ଦେଶ) ଅଟେ । ସେ ଆମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କଲେ କି ଆମ୍ଭ ସମସ୍ତଙ୍କୁ ଅନ୍ୟର ସମ୍ମାନ ରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ୍ । ଏହି (ଶିକ୍ଷା) କେବଳ ଆମ୍ଭ ସହର କିମ୍ବା ରାଜ୍ୟକୁ ସୁଦୃଢ କରିବ ନାହିଁ ବରଂ ଆମ୍ଭର ଦେଶ ଓ ବିଶ୍ୱାସକୁ ସୁଦୃଢ କରିବ ।

ଉକ୍ତ ମସଜିଦ୍ ଉଦଘାଟନର media covrage ରେ ବିଭିନ୍ନ ଟି.ଭି ଓ ଖବର କାଗଜ ତଥା Press Confarence ହେଲା ଓ କିଛି Inerview ମଧ୍ୟ ହେଲା । ଟି.ଭି, ରେଡ଼ିଓ ଓ ଖବର କାଗଜର ପାଖାପାଖି ୬୭ ଗୋଟି ଭିନ୍ନ ଭିନ୍ନ ମେଡ଼ିୟାର ପ୍ରତିନିଧି ଆସିଥିଲେ । ଏପରି ରିଜାଇନା ମସଜିଦ୍ ଉଦଘାଟନ ଓ Press Confarence ଦ୍ୱାରା ୧.୯୭ମିଲିୟନ ଲୋକଙ୍କ ନିକଟରେ ଇସଲାମର ବାର୍ତା ପହଂଚିଲା । ପୁଣି ମସଜିଦ୍ ବୟତୁଲ୍ ଅମାନର ମଧ୍ୟ ଉଦଘାଟନ୍ ହେଲା ଯାହାକି ଲାଇଡ଼ ମିନିଷ୍ଟରରେ ଅବସ୍ଥିତ । ତାହା ଏକ କ୍ଷୁଦ୍ର ଅଂଚଳ ତାହା ଛୋଟିଆ ଜାଗା ଅଟେ ଏବଂ ଅଧିକ ଲୋକେ ତେଲ ବ୍ୟବସାୟୀ ଅଟନ୍ତି । ସେଠାରେ ୪୯ ଅଣଅହେମଦି ଅତିଥି ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ସିସ୍‌କାଟୁଓନ୍ ବିଧାନସଭାର ସଦର୍ସ୍ୟ, ପୂର୍ବତନ ସାଂସଦ, ମେୟର, ନିକଟସ୍ଥ ଅଂଚଳର ମେୟର, କାଉନସିଲର, ଅଧ୍ୟାପକ, ଶିକ୍ଷକ, ଦାର୍ଶନିକ ଓ ଅନ୍ୟାନ୍ୟ ବିଭାଗ ସହ ସଂପୃକ୍ତ ଲୋକମାନେ ସାମିଲ ଥିଲେ ।

ଇମିଗ୍ରେସନ୍ ଓ ପ୍ରତିରକ୍ଷା ବିଭାଗର ପୂର୍ବତନ Minister ଶ୍ରୀମାନ Jason Kenney ସହ ଜମାଅତ ଓ ମୋ ସହ ମଧ୍ୟ ଆଗରୁ ବ୍ୟକ୍ତିଗତ ସମ୍ପର୍କ ରହିଛି । ସେ କହିଲେ ଜମାଅତ ଅହେମଦିୟା ଏକ ଛୋଟ ଜମାଅତ ହୋଇ ମଧ୍ୟ ବହୁତ ବଢିଚଢ଼ି କାର୍ଯ୍ୟ କରୁଅଛି ଏବଂ ଇସଲାମର ସୁନ୍ଦର ରୂପ ସହ ସଂସାରବାସୀଙ୍କୁ ଅବଗତ କରାଉଛି । ବର୍ତମାନ ବିଶ୍ୱର ଯାହା ଅବସ୍ଥା ଚରମପନ୍ଥୀଙ୍କ ବିଷୟରେ ବହୁତ ଭ୍ରାନ୍ତ ଧାରଣା ଅଛି ଯେ ଇସଲାମ୍ ଚରମପନ୍ଥୀଙ୍କୁ ପ୍ରଶ୍ରୟ ଦେଉଛି । ଏହି ସମୟରେ ଯମାତ୍ ଅହେମଦୀୟା ଅମୃତ ସଦୃଶ୍ୟ କାମ କରୁଛି । ଏହା ଏପରି ଇସ୍‌ଲାମ୍ ଯାହା କାନାଡ଼ାର ସଂସ୍କୃତିର ଅନୁରୂପ ଅଟେ ଓ ଶାନ୍ତିର ବାର୍ତାବହ ଅଟେ ଏବଂ କହୁଛନ୍ତି ମୋ ମତରେ ମସ୍‌ଜିଦ୍‌ର ପ୍ରତିଷ୍ଠା ଏବଂ ଇମାମ୍ ଜମାତ୍ ଅହେମଦୀୟାର ଗ୍ରସ୍ତ ଏଠିକାର ପରିସର ପାଇଁ ନିମନ୍ତେ ଜ୍ଞାନକୁ ବଢ଼ାଇବ ଏବଂ ଲୋକମାନଙ୍କ ସମ୍ମୁଖରେ ଇସ୍‌ଲାମ୍‌ର ସୁନ୍ଦରରୂପ ପ୍ରକଟ କରିବ । ଆଜି ଇମାମ ଜମାଅତ ସେ ସମସ୍ତ ନକାରାତ୍ମକ ଚିନ୍ତାଧାରାର ଉତର ଦେଲେ ଯାହାକି ଲୋକମାନଙ୍କ ହୃଦୟରେ ଇସଲାମ ଓ ମସଜିଦ୍ ବିରୋଧରେ ଉଙ୍କି ମାରିଥାଏ । ମସ୍‌ଜିଦ୍‌ର ପ୍ରତିଷ୍ଠା ଅତ୍ୟନ୍ତ ଯୁକ୍ତିଯୁକ୍ତି ଅଟେ । ଆମ ସଂସ୍କୃତିର ଧର୍ମୀୟ ସ୍ୱାଧୀନତାର ପରିପନ୍ଥି ଅଟେ ।.......

ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଶ୍ରୀମାନ ଜନ୍ ଗୋର୍‌ଲେ ସାହେବ ଯିଏ ରେଡିଓର ଜଣେ ପ୍ରୋଗ୍ରାମ୍ ଉପସ୍ଥାପକ ଅଟନ୍ତି । କହୁଛନ୍ତି ମସ୍‌ଜିଦ୍‌ର କାର୍ଯ୍ୟ ସମ୍ପର୍କରେ ବହୁତ ଜରୁରୀ କଥା ଉପସ୍ଥାପନ କରାଗଲା । ପୁଣି ମୋ ବିଷୟରେ କହି କହିଲେ କି ଆପଣ କହୁଛନ୍ତି ମସ୍‌ଜିଦ୍ କେବଳ ଉପାସନା ପାଇଁ ନୁହେଁ, ପରନ୍ତୁ Humanity ର ଏକାଠି ହେବାର ସ୍ଥାନ ଅଟେ । ଜମାତ୍ ଅହେମଦୀୟ ଏହି ପ୍ରସଙ୍ଗରେ ବହୁତ କାର୍ଯ୍ୟ କରୁଅଛି ।

କହିଲେ ଯେତେବେଳେ ଉଗ୍ରବାଦୀମାନେ କୌଣସି ଅଘଟଣ ଘଟାଇଥାନ୍ତି, ସର୍ବ ପ୍ରଥମେ ଜମାଅତ ଅହେମଦିୟା ପାରସ୍ପରିକ ସମ୍ବନ୍ଧ ଓ ବିଭିଧ ଧର୍ମକୁ ଏକତ୍ର କରିବାର ପ୍ରଚେଷ୍ଟା କରିଥାଏ । ଇମାମ ଜମାଅତ ଏହି ସନ୍ଦେଶ ଦେଲେ କି ଦେଶ ପ୍ରେମ ଭାବନା ବିଶ୍ୱାସର ଏକ ଅଂଶ ଏବଂ ଏହା ଇସଲାମୀୟ ଶିକ୍ଷା ଅଟେ । ଜମାତ୍ ଅହେମଦୀୟାର ଲୋକେ ସମ୍ପୂର୍ଣ୍ଣ ରୂପେ ସମାଜର ଅଙ୍ଗ ଅଟନ୍ତି । ସେମାନେ ଯେଉଁଠାରେ ବି ରୁହନ୍ତୁ ଲୋକଙ୍କ ସହିତ ମିଳିମିଶି ରହୁଛନ୍ତି ଏବଂ ସେଠିକାର କମ୍ୟୁନିଟିକୁ ମଜଭୁତ୍ କରିବା ପାଇଁ ଅହରହ ଚେଷ୍ଟା କରିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ପୁଣି ଏହା ପରେ କେଲଗିରି ବଡ଼ ସହର ଅଟେ । ସେଠି ଜମାତ୍ ମଧ୍ୟ ବଡ଼ ଅଟେ ଏବଂ ଆମର ମସଜିଦ୍ ମଧ୍ୟ ବଡ଼ ଓ ସୁନ୍ଦର ଅଟେ ।

ନଭେମ୍ବର ୧୧ ତାରିଖରେ ଏକ Peace Symposium ଅନୁଷ୍ଠିତ ହେଲା । ସେଥିରେ ପାଖାପାଖି ୬୪୪ ଜଣ ଅତିଥି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ କାନେଡ଼ାର ପୂର୍ବତନ ମନ୍ତ୍ରୀ, ବର୍ତମାନର କୃଷି ମନ୍ତ୍ରୀ, ଅଲବରଟାର Human service minister, କାଲଗରୀର ପୂର୍ବତନ ତଥା ବର୍ତମାନର ମେୟର, ପୂର୍ବତନ ମନ୍ତ୍ରୀ Jason Kenney, କଲଗରୀ dean & vice chanceller, ନିକଟବର୍ତୀ ଅଂଚଳର deputy mayor, Red Dear college president, legislative assembly member ତଥା ଅନ୍ୟାନ୍ୟ ବିଭାଗ ସହ ସଂପୃକ୍ତ ଅତିଥିବୃନ୍ଦ ସାମିଲ ଥିଲେ ।

କାନେଡ଼ାର ପୂର୍ବତନ P.M Stephen Harper ନିଜର ମତ ପ୍ରକାଶ କରି କହିଲେ ମୁଁ ଇମାମ ଜମାଅତଙ୍କୁ ଅନେକ ସ୍ଥାନରେ ଶୁଣିବାକୁ ପାଇଲି ଏବଂ ପ୍ରତ୍ୟେକ ସ୍ଥାନରେ ସେ ଇସଲାମୀୟ ଶାନ୍ତିର ବାର୍ତା ସହ ଲୋକମାନଙ୍କୁ ଅବଗତ କରାଉଥିଲେ । ଏହା ଏକ ଶ୍ରେଷ୍ଠ ବାର୍ତା ଅଟେ, ଯାହାକି ସେମାନଙ୍କ ପ୍ରତ୍ୟେକ ସଦସ୍ୟମାନଙ୍କ ପ୍ରତିବିମ୍ବ ଅଟେ । ଇମାମ ଜମାଅତଙ୍କ Remarks ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରତ୍ୟେକଙ୍କୁ ଏହା ଶୁଣିବା ଉଚିତ୍ । କାରଣ ବର୍ତମାନ ସମୟରେ ଚରମପନ୍ଥୀମାନେ ଇସ୍‌ଲାମ୍‌କୁ ବଦ୍‌ନାମ୍ କରିବା ପାଇଁ ଚେଷ୍ଟା କରିଚାଲିଛନ୍ତି । ସାଧାରଣ ଲୋକେ ଏହା ଭାବୁଛନ୍ତି କି ପ୍ରକୃତରେ ଏହା ହିଁ ଇସ୍‌ଲାମ୍ ଅଟେ ।

ସେ କହିଲେ ଇସଲାମର ଅର୍ଥ ହିଁ ଶାନ୍ତି ଏବଂ ଅଲ୍ଲାଃ ଓ ତାହାର ସୃଷ୍ଟି ସହ ପ୍ରେମର ସମ୍ପର୍କ ବାନ୍ଧିବା ଅଟେ । ସେ ସଂସାରର ସମସ୍ତ ସମସ୍ୟା ବିଶେଷ କରି ମଧ୍ୟ ଏସିଆର ସମସ୍ୟାର (ସମାଧାନ) ଅତ୍ୟନ୍ତ ବୁଦ୍ଧିମାନର ସହ ଉପସ୍ଥାପନ କଲେ । ମୁଁ ସେ ସମସ୍ତ ଲୋକମାନଙ୍କୁ ଯେ ଉକ୍ତ ବକ୍ତୃତାକୁ ଶୁଣି ନାହାନ୍ତି ନିବେଦନ କରିବି କି ସେମାନେ ତାହାକୁ ନିଶ୍ଚିତ ଶୁଣନ୍ତୁ । ଏହିପରି **Naheed Nenshi** ସାହେବ ଯିଏ କେଲ୍‌ଗିରିର ମେୟର୍ ଅଟନ୍ତି । କହୁଛନ୍ତି । ଏହା ବହୁତ ସୁନ୍ଦର ଭାଷଣ ଥିଲା । ବହୁତ ସାହାସର ସହିତ ଇସ୍‌ଲାମ୍‌ର ଶାନ୍ତିମୟ ଶିକ୍ଷାକୁ ଉପସ୍ଥାପନ କରାଗଲା । ପୁଣି କହିଲେ ଇସ୍‌ଲାମ୍‌ରେ କଦାପି ଚରମପନ୍ଥୀର ସ୍ଥାନ ନାହିଁ । ଜଣେ ମୁସଲମାନଙ୍କ ପ୍ରତିନିଧିଙ୍କ ମୁହଁରୁ ଏପରି କଥା ଶୁଣିବା ସୁଖକର ଅଟେ । ସେଠିକାର ଏହି ମେୟର୍ ଆଗାଖାନୀ ସମ୍ପ୍ରଦାୟର ଅଟନ୍ତି ।...

ପୁଣି ଲିଡର୍ ଅଫ୍ ଦି ଅଲ୍‌ବ୍ରଟାପାର୍ଟି ଏବଂ କେଲ୍‌ଗିରୀ ଏଲ୍‌ବୋ ର **Legislative Assembly** ର ମେମ୍ବର୍ **Gren Clark** ସାହେବ କହିଲେ ଏହା ବହୁତ ପ୍ରଭାବିତ କରିବା ବାର୍ତା ଥିଲା । ଠିକ୍ ସମୟରେ ବିଶ୍ୱର ପରିସ୍ଥିତିର ମୁତାବିକ୍ ଥିଲା । କେଲ୍‌ଗିରୀ ଏବଂ କାନାଡ଼ାର ଲୋକମାନେ ଜାଣିପାରିଲେ ଯେ ଇସ୍‌ଲାମ୍ ଗୋଟିଏ ଶାନ୍ତିପ୍ରିୟ ଧର୍ମ ଅଟେ । ଏହି ବାର୍ତା ଆମକୁ ଅନ୍ୟାମାନଙ୍କ ନିକଟରେ ପହଂଚାଇବା ଉଚିତ୍ କି ଇସ୍‌ଲାମ୍ ଗୋଟିଏ ଶାନ୍ତିପ୍ରିୟ ଧର୍ମ ଅଟେ ଏବଂ ବାସ୍ତବିକ ଏହା ଅଟେ ।

ପୁଣି Bryan Littl ର ଉଷସରଲ ସାହେବ ନିଜର ଅଭିମତ ପ୍ରକାଶ କରି କହିଲେ ଯମାତ୍‌ର ଇମାମ୍ ଶାନ୍ତି ପ୍ରତିଷ୍ଠ ନିମନ୍ତେ ନିଜର ଭାଷଣକୁ ପ୍ରତିପାଦନ କଲେ ଯାହାକି ବହୁତ ସୁନ୍ଦର ଉପସ୍ଥାପନ ଥିଲା । ମୁଁ ଇସ୍‌ଲାମ୍ ବିଷୟରେ ବହୁତ କମ୍ ଜାଣିଛି । ମୁଁ ଭାବୁଥିଲି କି କ'ଣ ପ୍ରକୃତରେ କୋରାନ୍ ଅଶାନ୍ତିର ଶିକ୍ଷା ଦେଉଛି କି? ପରିଶେଷରେ ଆଜି ମୋ ପ୍ରଶ୍ନର ଉତର ମିଳିଗଲା । ଯମାତ୍‌ର ଇମାମ୍ ପବିତ୍ର କୋରାନ୍‌ରୁ ପଙ୍‌କ୍ତି ଉପସ୍ଥାପନ କରି ପ୍ରମାଣି କଲେ ଯେ-ଇସ୍‌ଲାମ୍ ଶାନ୍ତିର ଧର୍ମ ଅଟେ ।...

ଶ୍ରିମତୀ କେଲେ ସାହେବା କହିଲେ ମୁଁ ଚିନ୍ତା କରିନଥିଲି ଯେ ଏଭଳି ସୁନ୍ଦର ସମ୍ମିଳନୀରେ ଯୋଗ ଦେବି ବୋଲି । ସେ କହିଲେ ମୁଁ ଏଠାକୁ କେବଳ ନିଜ ବନ୍ଧୁଙ୍କୁ ଖୁସି କରିବାକୁ ଆସିଥିଲି କାରଣ ସେ ମୋତେ ନିମନ୍ତ୍ରଣ କରି କହିଥିଲେ କି ତୁମେ ନିଶ୍ଚୟ ଆସିବ । କିନ୍ତୁ ବର୍ତମାନ ମୁଁ ବହୁତ ଖୁସି ଯେ ଏପରି ଏକ କାର୍ଯ୍ୟକ୍ରମରେ ସାମିଲ ହେବାର

ସୌଭାଗ୍ୟ ଲାଭ କଲି ଯେଉଁଠାରେ ସମସ୍ତେ ସକାରାତ୍ମକ ଚିନ୍ତାଧାରାରେ ପୂର୍ଣ୍ଣ ଓ ଇମାମ ଜମାଅତଙ୍କର ବାର୍ତ୍ତା ତ ଅତ୍ୟନ୍ତ ଉତ୍ତମ ଥିଲା । ମୋ ପରି ସ୍ୱଚ୍ଛ ଶିକ୍ଷିତା ମଧ୍ୟ ଏକଥା ଭଲ ଭାବରେ ବୁଝିପାରିଛି ଯେ, ଇସଲାମ ପ୍ରତ୍ୟେକ ଧର୍ମ, ଗୋଷ୍ଠୀ ତଥା ବିଭିଧ ବର୍ଣ୍ଣର ଲୋକମାନଙ୍କୁ ସ୍ୱାଗତ କରିଥାଏ । ଆମ୍ଭକୁ କଦାପି ଇସଲାମକୁ ଭୟ କରିବା ଉଚିତ୍ ନୁହେଁ ବରଂ ଆମ୍ଭକୁ ମୁସଲମାନମାନଙ୍କୁ ଭଲଭାବରେ ଜାଣିବାକୁ ଚେଷ୍ଟା କରିବା ଉଚିତ୍ । ପୁଣି କହୁଛନ୍ତି କି ଅଣ ଇସ୍‌ଲାମୀୟ ବୁଦ୍ଧିଜିବୀଙ୍କ ଯେପରି ଓରିଏଂଟ୍ ଲିଷ୍ଟ୍‌ସ, ଷ୍ଟେନ୍‌ଲେପୋଲ୍ ଇତ୍ୟାଦି ହାୱାଲା ପେଶ୍ କଲେ । ଯିଏ ଆଁ ହଜରତ୍ ସ:ଆ:ସ ଙ୍କ ବିଷୟରେ ଥିଲା କି ଆପଣ ସ:ଆ:ସ କିପରି ଶାନ୍ତି ପ୍ରତିଷ୍ଠା କରିପାରିଥିଲେ ଏବଂ ସେହି ସମୟରେ କିପରି ଧୈର୍ଯ୍ୟବାନ୍ ଥିଲେ ।.....

କେଲ୍‌ଗିରୀ ପୋଲିସ୍‌ର ଜଣେ ଅଫିସର୍ ବବ୍ ରିଚି କହୁଛନ୍ତି କି ଏହା ବହୁତ ସୁନ୍ଦର ଭାଷଣ ଥିଲା । ଯମାତ୍‌ର ଇମାମ୍ ବତାଇଲେ କି ଇସ୍‌ଲାମ୍ କିପରି ବହୁ ସଂସ୍କୃତିକୁ ପ୍ରୋତ୍ସାହନ ଦେଉଛି । ସେ କହୁଛନ୍ତି ଆମ ସମାଜରେ ଏହାର ବହୁତ ଦରକାର ଅଛି । ଯମାତ୍‌ର ଇମାମ୍ ସମସ୍ତଙ୍କୁ ଏକତ୍ରିତ କରୁଛନ୍ତି । ଇମାମ୍ ଯମାତ୍‌ଙ୍କ ବାର୍ତ୍ତା ମୋ ହୃଦୟକୁ ସ୍ପର୍ଷ କରିଗଲା...

ଜଣେ ଅତିଥି Anila Lee Yeun ସାହିବା କହୁଛନ୍ତି କି ମୋତେ ଏହି କଥାଟି ବହୁତ ଭଲ ଲାଗିଲା ଯେ ଇମାମ୍ ଜାମତ୍ କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ପାଶ୍ଚାତ୍ୟବାସୀଙ୍କୁ ଉପଦେଶ ଦେଲେ କି ସେମାନଙ୍କୁ ନ୍ୟାୟ କରିବା ଉଚିତ୍ ଏବଂ ବିଶ୍ୱ ସମସ୍ୟାକୁ ସମାଧାନ କରିବା ପାଇଁ ନିଜ କାର୍ଯ୍ୟ କଳାପ ଉପରେ ଧ୍ୟାନ ଦେବା ଉଚିତ୍ । ଇମାମ୍ ଜମାତ୍ ବିଲ୍‌କୁଲ୍ ଠିକ୍ କହିଛନ୍ତି କି ବିଶ୍ୱ ସମସ୍ୟାର ଜିମେଦାରୀ କୌଣସି ଗୋଟିଏ ଗୋଷ୍ଠିକୁ ଦିଆଯାଇପାରିବ ନାହିଁ ।

କାନାଡ଼ାର ଇଣ୍ଡିଜିନିୟସ୍ କମ୍ୟୁନିଟି ର ପୁରୁଣା ସ୍ଥାନୀୟ ଲୋକମାନେ ନିଜ ନିଜର କବିଲାରେ ରହୁଛନ୍ତି । ବହୁତ ଲୋକେ ସହରକୁ ମଧ୍ୟ ଆସୁଛନ୍ତି । ଯାହାହେଉ ଏମାନଙ୍କୁ ଫାଷ୍ଟ ନେସନ୍ କୁହାଯାଏ ଏବଂ ସ୍ଥାନୀୟ ନିବାସୀ କୁହାଯାଏ । ସେମାନଙ୍କ ମଧ୍ୟରୁ ଜଣେ ଲି କ୍ରୋଶିଲ୍‌ଡ କହୁଛନ୍ତି ମୋତେ ବହୁତ ଭଲ ଲାଗିଲା ଯେ ଯମାତ୍‌ର ଇମାମ୍ ଅତ୍ୟନ୍ତ ଇମାନ୍‌ଦାରୀ ଓ ସାହାସର ସହିତ ଇସ୍‌ଲାମ୍ ଉପରେ ଲଗାଯାଇଥିବା ଦୋଷାରୋପ (ଯେପରି ସନ୍ତ୍ରାସବାଦର ଶିକ୍ଷା ଇତ୍ୟାଦି) ର ଖଣ୍ଡନ କଲେ ।.....ସେମାନଙ୍କର ମଧ୍ୟ ୧୦ ଜଣ ନେତା ସେଠାକୁ ଆସିଥିଲେ । ତାଙ୍କ ସହିତ ମଧ୍ୟ ସାକ୍ଷାତ ହେଲା । ଆମେ ଏଠାରେ ମଧ୍ୟ ତବ୍‌ଲିଗ୍ ପ୍ରୋଗ୍ରାମ୍ କରିବା ଇନ୍‌ଶା ଅଲ୍ଲାଃ ରାସ୍ତା ମଧ୍ୟ ଖୋଲିଯିବ ।

ହଜୁର ଅନୱର ଅ.ବ କହିଲେ- ମୋଟାମୋଟି ଭାବରେ କହିବାକୁ ଗଲେ କଲଗରିରେ ଯେଉଁ inerview ଓ Press Confarence ଅନୁଷ୍ଠିତ ହେଲା । ସେଥିରେ ୫ମିଲିୟନ ଲୋକଙ୍କ ନିକଟରେ ଜମାଅତରେ ବାର୍ତ୍ତା ପହଂଚିଲା । କାନେଡ଼ା ଗସ୍ତରେ media covreage ମଧ୍ୟରେ ୩୨ଗୋଟି ଟି.ଭି ଚ୍ୟାନେଲ୍‌ରେ ୫ଟି ବିଭିନ୍ନ ଭାଷାରେ ଖବର ପ୍ରସାରଣ କରାଯାଇଥିଲା ଯାହାକୁ ୪୦ମିଲିୟନ୍ ଲୋକ ଦେଖିଲେ । ୬ଟି ଭାଷାରେ ବିଭିନ୍ନ ରେଡ଼ିଓ ସେଣର ମାଧ୍ୟମରେ ତିରିସଟି ଖବର ପ୍ରସାରଣ ହୋଇଥିଲା ଯଦ୍ୱାରା ୮ ଲକ୍ଷ ଲୋକଙ୍କ ନିକଟରେ (ଜମାଅତର) ବାର୍ତ୍ତା ପହଂଚିଲା । ୨୨୭ଟି ଖବର କାଗଜ ମାଧ୍ୟମରେ ୧୨ଟି ଭିନ୍ନ ଭିନ୍ନ ଭାଷାରେ ଖବର ଓ inerview ପ୍ରକାଶ ପାଇଲା ଯଦ୍ୱାରା ୪.୮ମିଲିୟନ ଲୋକଙ୍କ ନିକଟରେ (ଜମାଅତର) ବାର୍ତ୍ତା ପହଂଚିଲା । ସୋସିଆଲ୍ ମିଡ଼ିଆ ଯାହା ଦ୍ୱିତୀୟ ମିଡ଼ିଆ ଅଟେ ସେଥିରେ ଇଲୋକ୍‌ଟ୍ରୋନିକ୍ ମିଡ଼ିଆ ଇତ୍ୟାଦି ଜରିଆରେ ୧୪.୬ ମିଲିୟନ୍ ଲୋକ ପର୍ଯ୍ୟନ୍ତ ବାର୍ତ୍ତା ପହଂଚିଲା । ଏପରି ସମୁଦାୟ ୬୦ମିଲିୟନରୁ ଅଧିକ ଲୋକଙ୍କ ନିକଟରେ ଆମର ବାର୍ତ୍ତା ପହଂଚିଲା ସୁତରାଂ ଏସବୁ ଅଲ୍ଲାଃତାଲାଙ୍କ କୃପା ଅଟେ ଯାହାର ଆମ୍ଭମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଏବଂ ବିଶେଷ କରି କାନେଡ଼ାର ଜମାଅତ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ଯଦ୍ୱାରା ସେମାନେ ଅଲ୍ଲାଃଙ୍କ କୃପାରୁ ଆହୁରି ଅଧିକ ଲାଭବାନ ହୋଇପାରିବେ । ସର୍ବଦା ମନେରଖିବା ଉଚିତ୍ ଯେ, ଆମ୍ଭର ପ୍ରତ୍ୟେକ କାର୍ଯ୍ୟର ମୂଳରେ ଅହେମଦିୟତ୍ ଓ ଇସଲାମର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଂଚାଇବା ଓ ଏକେଶ୍ୱରବାଦକୁ ସଂସାରରେ ପ୍ରତିଷ୍ଠା କରିବା (ନିୟତ) ରହିବା ଉଚିତ୍ । ହଜରତ ମହମ୍ମଦ ସ.ଆଙ୍କ ଧ୍ୱଜାକୁ ସଂସାରରେ ଲହରେଇବାର ନିୟତ ରହିବା ଉଚିତ୍ । ଯଦି ଏଭଳି ନିୟତ ରହିବ ତେବେ ନିଶ୍ଚିତ୍ ରୂପେ ଅଲ୍ଲାଃତାଲା ଆମ୍ଭ କାର୍ଯ୍ୟରେ ବରକତ୍ ପ୍ରଦାନ କରିବେ । ଅଲ୍ଲାଃ ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ବର୍ତ୍ତମାନ ମୁଁ Peace village ର ଅହେମଦିମାନଙ୍କୁ କହିବାକୁ ଚାହେଁ ଯେ, ସେମାନେ ନିଜ ପରିବେଶକୁ ଅହେମଦି ପରିବେଶରେ ପରିଣତ କରିଦିଅନ୍ତୁ ଏବଂ ପ୍ରକୃତ ଇସଲାମର ନମୁନା ପ୍ରଦର୍ଶନ କରିବାକୁ ଅଧିକରୁ ଅଧିକ ଚେଷ୍ଟା କରନ୍ତୁ । ମୋ ଉପସ୍ଥିତିରେ ଯେପରି ଖିଲାଫତ୍ ସହ ପ୍ରେମ ଓନିଷ୍ଠାର ପ୍ରଦର୍ଶନ କରୁଥିଲେ ବର୍ତ୍ତମାନ (ସେଠାରେ) ମୋ ଅନୁପସ୍ଥିତିରେ ମଧ୍ୟ ସେହିପରି ବରଂ ତାଠାରୁ ଅଧିକ ଆଗକୁ ବଢି ଚାଲନ୍ତୁ ଏବଂ ନିଜର ମୂଳ ଉଦ୍ଦେଶ୍ୟକୁ କଦାପି ପାସୋରି ନଯାନ୍ତୁ ଯେ ଆମ୍ଭକୁ ଅଲ୍ଲାଃତାଲାଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଅଛି । ତାହାର ଉପାସନାରେ କଦାପି ଅବହେଳା କରିବାର ନାହିଁ । ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

## ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା

ଓ

**ଜମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ନିକଟରେ ଜରୁରୀ ନିବେଦନ ।**

ସୟଦନା ହଜୁର ଅନୱ୍ୱର ଅ:ବ ୧୧ ନଭେମ୍ବର ୨୦୧୬ ରେ ନିଜର ହୃଦୟସ୍ପର୍ଶୀ ଖୁତ୍‌ବା ଜୁମାରେ ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଏଲାନ୍ କରିଲେ । ଅଲ୍‌ହମ୍‌ଦୋଲିଲ୍ଲାଃ – ହଜୁର ଅନୱ୍ୱର କହିଲେ ''ହଜରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ମାଲି କୁର୍‌ବାନି ଉପରେ ଆଲୋକପାତ କରି କହୁଛନ୍ତି:-ଯେ ସଂସାରରେ ଲୋକେ ଧନ ସହିତ ବହୁତ ପ୍ରେମ କରିଥାଏ । ସେଇଥିଯୋଗୁ ତାବିରୁର୍‌ରୋୟା ରେ ଲେଖାଯାଇଛି ଯଦି କୌଣସି ବ୍ୟକ୍ତି ଦେଖେ ଯେ ସେ ନିଜ କଲିଜା କାଢ଼ି କାହାକୁ ଦେଇ ଦେଉଛି ତା'ର ଅର୍ଥ ଧନ ଅଟେ । ସେଥିଯୋଗୁଁ ପ୍ରକୃତ ତକ୍‌ୱା ଓ ଇମାନ୍‌ଙ୍କ ହାସଲ କରିବା ପାଇଁ (ଅଲ୍ଲାଃତାଲା) କହୁଛନ୍ତି ***ଲନ୍‌ତନାଲୁଲ୍ ବିର୍‌ରା ହାତ୍ତା ତୁନ୍ ଫିକୁ ମିମ୍ମା ତୁହିବ୍‌ବୁନ୍*** ଅର୍ଥାତ୍ ପ୍ରକୃତ ପୁଣ୍ୟକୁ ତୁମେ ସେ ପର୍ଯ୍ୟନ୍ତ ପାଇବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜର ଉତ୍ତମ ଜିନିଷକୁ ଖର୍ଚ୍ଚ ନ କରିଛି । କାରଣ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ଉତ୍ତମ ବ୍ୟବହାରର ଏକ ବହୁତ ବଡ଼ ଭାଗ ଧନ ଖର୍ଚ୍ଚ କରିବାରେ ଅଛି । ଏତଦ୍‌ବ୍ୟତୀତ ଇମାନ୍ ସମ୍ପୂର୍ଣ୍ଣ ହୁଏ ନାହିଁ ।... ତେଣୁ ଅଲ୍ଲାଃଙ୍କ ରାସ୍ତାରେ ଧନ ଖର୍ଚ୍ଚ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ପୁଣ୍ୟବାନ୍‌ର ଆଧାର ଓ ସନ୍ତକ ଅଟେ ।''

ହଜୁର୍ କହିଲେ:-

''ଦୁନିଆ ଆଜିକାଲି ଭାବୁଛି ଯେ ଧନ ସମ୍ପତିକୁ ଠୁଳ କରିବା ଏବଂ ତାକୁ କେବଳ ନିଜ ଆରାମ ଓ ସୁଖ ସ୍ୱାଚ୍ଛନ୍ଦ ପାଇଁ ଖର୍ଚ୍ଚ କରିବାରେ ହିଁ ଆନନ୍ଦ ଓ ଶାନ୍ତି ମିଳିପାରିବ । କିନ୍ତୁ ଜଣେ ମୋମିନ୍ ଯାହାକୁ ଦୀନିର ପ୍ରକୃତ ଜ୍ଞାନ ଅଛି ସେଏହା ଭାବିଥାଏ ଯେ ଯଦି ଚ ଏହା ସବୁ ଅଲ୍ଲାତାଲା ମଣିଷ ନିମନ୍ତେ ସୃଷ୍ଟି କରିଛି କିନ୍ତୁ ଜୀବନର ପ୍ରକୃତ ଲକ୍ଷ ଅଲ୍ଲାତାଲାଙ୍କ ସାନିଧ ଓ ପୁଣ୍ୟ ମାର୍ଗରେ ପରିଚାଳିତ ହେବା ଅଟେ । ଅଲ୍ଲାତାଲାଙ୍କର ହକ୍ ପ୍ରଦାନ କରିବା ଏବଂ ତାର ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ଅଟେ ।''

ଖୁତ୍‌ବା ଯୁମାର ଶେଷରେ ହଜୁର୍ ଅନୱ୍ୱର୍ ଅ:ବ କହିଲେ:-

୧୯୩୪ ମସିହାରେ ଏହ୍‌ରାରୀ ଯମାତକୁ ନିଃଶେଷ କରିବାର କଥା କହୁଥିଲେ । କାଦିୟାନ୍‌କୁ ତଳିତଳାନ୍ତ କରିଦେବାର କଥା କହୁଥିଲେ । ସେ ସମୟରେ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତହେରିକ୍ ଯଦିଦ୍‌ର ଏଲାନ୍ କରାଇ ସମଗ୍ର ବିଶ୍ୱରେ ମିଶ୍‌ନାରି ପଠାଇବାର ଯୋଜନା ତିଆରି କଲେ । ତବ୍‌ଲିଗ୍‌ର ଏକ ସୁନ୍ଦର ଯୋଜନା ତିଆରି କରାଗଲା ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯମାତ୍ ଅହେମଦୀୟାକୁ ଲୋକେ ଜାଣିଛନ୍ତି ଏବଂ ୨୦୯ ଦେଶରେ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି ।...........ଆଜି ଦୁନିଆର ଏହି ପଶ୍ଚିମ କୋଣରୁ ସମଗ୍ର ସଂସାରରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତ୍ତାକୁ ଆପଣଙ୍କର ଜଣେ ଗୋଲାମ ଏବଂ ଜଣେ ଛୋଟ ସେବକ ପହଂଚାଇ ଚାଲିଛି ।''

ହଜୁର୍ ଅନୱ୍ୱର୍‌ଙ୍କ ଏହି ଜ୍ଞାନ ବର୍ଦ୍ଧକ ଖୁତ୍‌ବା ଯୁମାର ଆଲୋକ ଦ୍ୱାରା ଯମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ଗୋଚରରେ ନିବେଦନ କରାଯାଉଛି କି ସେମାନେ ମାଲି କୁର୍‌ବାନୀର ଜରୁରତ୍ ଏବଂ ଗୁରୁତ୍ୱକୁ ଅନୁଭବ କରି ତହେରିକ୍ ଯଦିଦ୍‌ର ଚାନ୍ଦାରେ ବଢ଼ି ଚଢ଼ି କରି ଭାଗ ନିଅନ୍ତୁ । ପ୍ରଥମ ମୁହୂର୍ତ୍ତରେ ନିଜର ସେକ୍ରେଟାରୀ ତହେରିକ୍ ଯଦିଦ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରି ଏକ ଉତ୍ତମ (ୱାଦା) ପ୍ରତିଶ୍ରୁତିର ସହିତ ଯଥା ସମ୍ଭବ ତାହା ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଅଲ୍ଲାତାଲାଙ୍କର କୃପା, ସାନିଧ ଏବଂ ବରକତ୍‌ରୁ ଲାଭ ଉଠାନ୍ତୁ । ଅଲ୍ଲାତାଲା ଆମକୁ ଏହା କରିବା ପାଇଁ ଅଧିକ ରୁ ଅଧିକ ଶକ୍ତି ପ୍ରଦାନ କରନ୍ତୁ । – ଆମିନ୍

**(ୱକିଲୁଲ୍‌ମାଲ୍ ତେହ୍‌ରିକେ ଯଦିଦ୍ କାଦିୟାନ)**

# ଖୁତ୍‌ବା ଜୁମା

ଆମର କାମ କେବଳ ଶିକ୍ଷା ଅନୁସାରେ ଅନ୍ୟମାନଙ୍କୁ ପ୍ରଭାବିତ କରିବା ନୁହେଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମନବାଞ୍ଛାକୁ ଆଗକୁ ବଢ଼ାଇବା ପାଇଁ ଆମକୁ କୋରାନ୍‌ର ଆଦେଶାବଳୀକୁ ପାଳନ କରି ନିଜ ଭିତରେ ଉଦାହରଣ ସୃଷ୍ଟି କରି ଦେଖାଇବା ଆବଶ୍ୟକ ଅଟେ । ଆମ ପାଖରେ କୌଣସି ଶାସନ ନାହିଁ ଯେ, ଆମେ ସେହି ପ୍ରଶାସନିକ ସ୍ତରରେ ଉକ୍ତ ଆଦେଶାବଳୀର ନମୁନା ସୃଷ୍ଟି କରି ଦେଖାଇ ପାରିବା ବୋଲି, ଅଲ୍ଲା ଚାହିଁଲେ ଯେତେବେଳେ ସେହି ସମୟ ଆସିବ ତେବେ ଉଚ୍ଚ ସ୍ତରୀୟ ନମୁନା ଆମକୁ ଦେଖାଇବାକୁ ହେବ । କିନ୍ତୁ ବର୍ତମାନ ଜମାତି ଓ ସାମାଜିକ ସ୍ତରରେ ଏହି ନମୁନାକୁ ଆମେମାନେ ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

ପ୍ରତ୍ୟେକ ଅହମଦିକୁ ବିଶେଷ କରି ଏଠାରେ ମୁଁ କହିବାକୁ ଚାହୁଁଛି ଓ୍ୱହଦାଦାରମାନଙ୍କୁ ଦେଖାଇବାର ଆବଶ୍ୟକତା ଅଛି ଯେ, ସେମାନେ କେତେଦୂର ପର୍ଯ୍ୟନ୍ତ ନିଜର ଅମାନତ୍‌ର ବ୍ୟବହାର କରି ନ୍ୟାୟ, ନିରପେକ୍ଷତା ସୃଷ୍ଟି କରିବାରେ ପ୍ରତିବଦ୍ଧ ଅଟନ୍ତି । ସେମାନଙ୍କର ପ୍ରତିଟି ଫଏସଲା ଉତମ ନ୍ୟାୟ ପ୍ରଦାନକାରୀ ହେଉ । କେତେକ ଓ୍ୱହ୍‌ଦାଦାର ବା ଯେଉଁମାନଙ୍କ ପାଖରେ ଓ୍ୱହଦାତ୍ ନାହିଁ କିନ୍ତୁ କିଛି ସେବା କରିବାର ସୁଯୋଗ ଦିଆଯାଇଛି, ସେମାନଙ୍କ ଉପରେ ଲୋକମାନଙ୍କର ଆପତି ଯେ, ସେମାନେ ନ୍ୟାୟ କରୁନାହାଁନ୍ତି ।

ଜେନେରାଲ୍ ସେକ୍ରେଟାରୀ (ସାଧାରଣ ସଚ୍ଚିବ) ଏବଂ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରତ୍ୟେକ କର୍ମଚାରୀଙ୍କ ଦାୟିତ୍ୱ ଯେ, ସେମାନଙ୍କ ପାଖକୁ ଆସୁଥିବା ଲୋକଙ୍କ ସହ ସମ୍ମାନର ସହିତ ବ୍ୟବହାର କରନ୍ତୁ ଏହା ହେବା ଉଚିତ୍ ନୁହେଁ ଯେ, ଯେଉଁ ଲୋକମାନେ ସେମାନଙ୍କର ପସନ୍ଦ ଯୋଗ୍ୟ ଅଟନ୍ତି କିମ୍ବା ତାଙ୍କ ବନ୍ଧୁ ସେମାନଙ୍କ ପାଇଁ ଅଲଗା ବ୍ୟବହାର, ଯେଉଁମାନେ ଅପରିଚିତ କିମ୍ବା ଯାହା ସହିତ ସମ୍ପର୍କ ଭଲ ନାହିଁ ସେମାନଙ୍କ ପାଇଁ ଆଉ ଏକ ପ୍ରକାର ବ୍ୟବହାର, ଅନ୍ୟ ବିଭାଗର ଅଧିକାରୀ ଯାହାଙ୍କର ଲୋକ ସମ୍ପର୍କ ଅଛି ସେହି କଥାର ଅନୁଧ୍ୟାନ କରିବା ଆବଶ୍ୟକତା ରହିଛି ଯେ, ସେମାନଙ୍କ ସହିତ କାର୍ଯ୍ୟରତ ଥିବା କର୍ମଚାରୀ ଓ ସହଯୋଗୀମାନେ ନ୍ୟାୟର ମାନଦଣ୍ଡ ଭିତରେ ରହି ନିଜର କାର୍ଯ୍ୟ ସମ୍ପାଦନ କରୁଛନ୍ତି ବା ନାହିଁ ।

କେବଳ ଏକଥା ଚିନ୍ତାକର ନାହିଁ ଯେ ଏହା କେବଳ ମର୍କଜି (କେନ୍ଦ୍ରିୟ) ଓ୍ୱହ୍‌ଦାଦାର୍‌ମାନଙ୍କ ପାଇଁ ବୋଲି ବରଂ ସଦର ମାନେ ଓ ସେମାନଙ୍କ ଆମଲାର ସଦସ୍ୟମାନେ ମଧ୍ୟ ଏଥିରେ ସାମିଲ୍ ଅଟନ୍ତି, ଯାହାଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ ଯେ, ସେମାନେ କ'ଣ ନ୍ୟାୟର ସମସ୍ତ ଶୈଳିକୁ ପାଳନ କରୁଛନ୍ତି । ଯେଉଁଠି ଭୁଲ୍ ରହିଛି...ଭୁଲ୍‌କୁ ଲୁଚାଇବା ପାଇଁ ବାହାନା ଖୋଜିବା ବଦଳରେ ଓ ଭୁଲ୍‌କୁ ଲୁଚାଇବା ବଦଳରେ ଅସ୍ତଗଫାର୍ କରି ନିଜର ସୁଧାର କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ ।

ଆମର ଓ୍ୱହ୍‌ଦାଦାର୍‌ମାନଙ୍କୁ ବିଶେଷ କରି ଏବଂ ପ୍ରତ୍ୟେକ ଅହମଦୀଙ୍କୁ ପୃଥିବୀ ପୃଷ୍ଠରେ ସାଧାରଣତଃ ଏକ ନମୁନା ହେବା ଦରକାର ।

ସିରିଆର ଅଦ୍‌ନାନ୍ ମହମ୍ମଦ୍ କୁର୍‌ଦିୟାଃ ସାହେବଙ୍କ ଶାହାଦତ୍, ମୋକରମା ବଶିର୍ ବେଗମ୍ ସାହିବା ପତ୍ନୀ ଚୌଧରୀ ମଞ୍ଜୁର ଅହମଦ୍ ଚିମା ସାହେବ୍ ଦରଓ୍ୱେଶ କାଦିୟାନ୍ ଏବଂ ମୋକରମ୍ ରାଣା ମୁବାରକ୍ ଅହମଦ୍ ସାହେବ୍ ଲାହୋର ବର୍ତମାନ ଅବସ୍ଥାପିତ ଲଣ୍ଡନ୍ ଙ୍କ ମୃତ୍ୟୁ ଓ ମୃତକଙ୍କ ଗୁଣ ବର୍ଣ୍ଣନା ଏବଂ ନମାଜ୍ (ଯନାଜାଃ ପାଠ)

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୫ ନଭେମ୍ବର ୨୦୧୬ ଅନୁଯାୟୀ ୨୫ ନବୁଅତ୍ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ

اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

**ୟା ଅୟୋ ହଲ୍ ଲଜିନା ଆମନୁ କୁନୁ କଓ୍ୱାମିନା ବିଲ୍‌କିସ୍ତେ ଶୋହଦାଆ ଲିଲ୍ଲା ହେ..... ତାମଲୁନା ଖବିରା ।** (ନିସା-୧୩୬)

ଏହି ଆୟତ୍‌ର ଅନୁବାଦ ହେଲା, ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ରହି ଅଲ୍ଲାଙ୍କ ଉଦ୍ଦେଶ୍ୟରେ ସାକ୍ଷ ପ୍ରଦାନକାରୀ ହୋଇ ଯାଅ । ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତା ମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ; ଯଦି ସେ (ଅର୍ଥାତ୍-ଯାହାଙ୍କ ସଂକ୍ରାନ୍ତରେ ସାକ୍ଷ ପ୍ରଦାନ କରାଯାଇଅଛି) ଧନବାନ୍ ବା ଦରିଦ୍ର ହୋଇଥାଏ ତେବେ (ସେପରି ପରିସ୍ଥିତିରେ) ଅଲ୍ଲାଃ ସେ ଉଭୟଙ୍କର (ତୁମମାନଙ୍କଠାରୁ) ଅଧିକ ଶୁଭାକାଂକ୍ଷୀ ଅଟନ୍ତି; ସୁତରାଂ ନ୍ୟାୟ ପ୍ରଦାନ କଲ୍ଲେ ତୁମେମାନେ (କୁ) ପ୍ରଭୃତିର ଅନୁସରଣ କରନାହିଁ; ଏବଂ ଯଦି ତୁମେ (ସତ୍ୟ ସାକ୍ଷକୁ) ଗୋପନ ରଖିବ ବା (ସତ୍ୟକୁ) ଏଡ଼ିଦେବ, ତେବେ (ମନେରଖ ଯେ) ତୁମେମାନେ ଯାହା କିଛି କରୁଅଛ ଅଲ୍ଲା ସେ ବିଷୟରେ ନିଶ୍ଚୟ ଅବଗତ ଅଛନ୍ତି ।

ଆମେ ସଂସାରକୁ କହୁଛେ ଯେ ସଂସାରର ସମସ୍ତ ସମସ୍ୟାର ସମାଧାନ ଇସ୍‌ଲାମୀୟ ଶିକ୍ଷାରେ ହିଁ ନିହିତ ଅଛି । ସେଇଥି ପାଇଁ ଆମେ କୋରାନ୍‌ର ଶିକ୍ଷାକୁ ଉପସ୍ଥାପନ କରୁଅଛେ । ମୋ, କାନାଡ଼ା ଗସ୍ତ ସମୟରେ ଜଣେ ପତ୍ରକାର ପ୍ରଶ୍ନ କଲେ ଯେ, ଆଜିକାଲିର ଯେଉଁ ପରିସ୍ଥିତି ଉପୁଜିଛି ତାର ସମାଧାନ ପାଇଁ ଆପଣ କ'ଣ ଉପସ୍ଥାପନ କରିବେ ? ମୁଁ ତାଙ୍କୁ କହିଲ ଯେ ତୁମେ ସମସ୍ତେ ସାଂସାରିକ ବ୍ୟକ୍ତି ଓ ଦୁନିଆର ବଡ଼ ବଡ଼ ଶକ୍ତି ଏ ପୃଥିବୀର ସମସ୍ୟାକୁ ସମାଧାନ କରିବା ପାଇଁ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଓ ଆତଙ୍କବାଦକୁ ରୋକିବା ପାଇଁ ନିଜର ସମସ୍ତ ଚେଷ୍ଟା କରି ଚାଲିଛ । କିନ୍ତୁ ପରିସ୍ଥିତି ଯେଉଁଠି ସେଇଠି ହିଁ ରହିଛି ।

କେଉଁଠି ଗୋଟିଏ ଦୁର୍ବଳତା ରହିଯିବା ଯୋଗୁଁ ଅନ୍ୟ ଅନ୍ୟ ସ୍ଥାନରେ ନିଆଁ ଲାଗିଯାଉଛି । ତାକୁ ଆୟତ କରିବାକୁ ଚେଷ୍ଟା କରିବା ସମୟରେ ପ୍ରଥମ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି ଯେଉଛି । ସମସ୍ତ ସାଂସାରିକ ପ୍ରଚେଷ୍ଟା ତ ସେହି ବିଶୃଙ୍ଖଳାକୁ ଶେଷ କରିବା ପାଇଁ ତତ୍ପର ରହିଛନ୍ତି । କେବଳ ଗୋଟିଲ ଚେଷ୍ଟା ଏ ପର୍ଯ୍ୟନ୍ତ କରାଯାଇନାହିଁ । ତାହା କେବଳ ଇସ୍‌ଲାମୀୟ ଶିକ୍ଷା ଦୃଷ୍ଟିରୁ ହିଁ ସମାଧାନ ହୋଇପାରିବ । ସେଥିରେ ସେମାନେ ନିରବ ହୋଇ ଯାଉଛନ୍ତି । କିନ୍ତୁ ଆମକୁ ଏକଥା ଦେଖିବାକୁ ହେବ ଯେ ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ ଦେଶଗୁଡିକରେ ମଧ୍ୟ ଇସ୍‌ଲାମ୍‌ର ଜୟଗାନ (ନାରା) ତ ଲଗାଯାଉଛି କିନ୍ତୁ ଯେଉଁ ଶିକ୍ଷା ଅଲ୍ଲାତାଲା ଦେଇଛନ୍ତି ଏବଂ ଯାହା ଇସ୍‌ଲାମ୍ ଚାହୁଁଛି ଓ ଯେଉଁ ପବିତ୍ର ଆଚରଣକୁ ଆଁ ହଜ୍‌ରତ୍ ସ:ଆ:ସ ପ୍ରତିଷ୍ଠା କରିଛନ୍ତି, ତାକୁ ପାଳନ କଲେ ନାହିଁ ନାଁ'ତ କରିବା ପାଇଁ ଚେଷ୍ଟା କରୁଛନ୍ତି । ଯାହା ଫଳରେ ବର୍ତମାନ ସବୁଠାରୁ ଅଧିକ ବିଶୃଙ୍ଖଳା ମୁସଲ୍‌ମାନ ଦେଶଗୁଡିକରେ ହେଉଛି । ଏହାଠାରୁ ଆଉ ଦୁର୍ଭାଗ୍ୟର କଥା କଣ ହୋଇପାରେ ?

ଏ ପର୍ଯ୍ୟନ୍ତ ତ ମୋତେ କୌଣସି ପତ୍ରକାର ସିଧା ସଳଖ କହିନାହାଁନ୍ତି ଯେ, ସେହି ଆଦେଶ ଗୁଡିକର ବାସ୍ତବିକ ରୂପକୁ ମୁସଲ୍‌ମାନ୍ ଦେଶଗୁଡିକ ଅମଳ କରନ୍ତୁ । କିନ୍ତୁ ତାଙ୍କ ମନରେ ଏ ପ୍ରଶ୍ନ ଉଠିପାରେ ଅଥବା ଉଠୁଥିବ ନିଶ୍ଚୟ ସେଥିପାଇଁ ମୁଁ ସାଧାରଣତଃ ଅନ୍ୟମାନଙ୍କ ସମ୍ମୁଖରେ ମୋ ଭାଷଣରେ ପ୍ରଥମେ ମୁସଲ୍‌ମାନ ମାନଙ୍କ ପରିସ୍ଥିତି ଉପରେ ତା ପରେ ସେମାନଙ୍କ ଶକ୍ତିକୁ ତାଙ୍କର ଅସଲ ଚେହେରା ଦେଖାଇଥାଏ ଏବଂ ପତ୍ରକାରମାନଙ୍କ ସାକ୍ଷାତରେ କହିଥାଏ ଯେ, ମୁସଲ୍‌ମାନମାନେ ତା ଉପରେ କାର୍ଯ୍ୟକାରୀ ନ କରିବା କିମ୍ବା ପାଳନ ନ କରିବା ଇସ୍‌ଲାମ୍‌ର ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟତାର ପ୍ରମାଣ ଅଟେ । କାହିଁକି ନା ଆପଣ ସ:ଆ:ସ ପ୍ରାଞ୍ଜଳ ଭାବରେ କହିଥିଲେ ଯେ, ମୁସଲ୍‌ମାନ ମାନଙ୍କର ଏପରି ଅବସ୍ଥା ହୋଇଯିବ କି ସେମାନେ ଇସ୍‌ଲାମୀୟ ଶିକ୍ଷାକୁ ଭୁଲିଯିବେ । ଆଉ ସେମାନେ ନିଜର ସ୍ୱାର୍ଥ, ନିଜର ଲାଭ ପାଇଁ ଲାଗି ପଡ଼ିବେ ଏବଂ ସେଗୁଡିକୁ ଅଗ୍ରାଧିକାର ଦେବେ । (ଉଦ୍ଧୃତ-ଅଲ୍‌ଜାମେ ଅଶ୍‌ଶୋଏବୁଲ୍ ଇମାନ୍ ଖଣ୍ଡ-୩, ପୃଷ୍ଠା-୩୧୭-୩୧୮, ହଦିସ୍ ୧୭୬୩ ବର୍ଣ୍ଣିତ ପୁସ୍ତକ ଅର୍‌ରୁଶଦ୍ ବେରୁତ୍ ୨୦୦୪ ଖ୍ରୀ:ଅ)

ଯେବେ ଏପରି ସ୍ଥିତି ହେବ ସେତେବେଳେ ଆପଣଙ୍କ ସତ୍ୟବାଦୀ ଦାସଙ୍କ ଆବିର୍ଭାବ ହେବ ଯାହାର ବର୍ଣ୍ଣନା ପବିତ୍ର କୋରାନ୍‌ରେ ମଧ୍ୟ ଅଛି । ଯାହାଙ୍କ ଆବିର୍ଭାବର ଯୁଗ

ବିଷୟରେ ପବିତ୍ର କୋରାନ୍‌ରେ ବର୍ଣ୍ଣନା ହୋଇଅଛି ଏବଂ ଆଁ ହଜରତ୍ ସ:ଆ:ସ ମଧ୍ୟ ପ୍ରାଞ୍ଜାଳ ଭାବରେ ଖୋଲା ଖୋଲି ବର୍ଣ୍ଣନା କରିଛନ୍ତି । ତେଣୁ କରି ଜଣେ ଅହମଦି ମୁସଲମାନ ପାଇଁ ବ୍ୟସ୍ତ ହେବା ବଦଳରେ ଅନ୍ୟ ଅର୍ଥରେ ଖୁସି ହେବା କଥା ।

ଏକଥା ହୃଦ୍‌ବୋଧ ଯେ ଆଁ ହଜରତ୍ ସ:ଆସ ମୁସଲମାନ ମାନଙ୍କର ଯେଉଁ ଅବସ୍ଥା ବର୍ଣ୍ଣନା କରିଛନ୍ତି ଏବଂ ବିଶେଷ କରି ଧର୍ମଗୁରୁ (ଓଲମା) ମାନଙ୍କର ଅବସ୍ଥା ବିଷୟରେ ଭବିଷ୍ୟତ ବାଣୀ କରିଥିଲେ ତାହା ପୁରା ହେଲା, ଆମେ ଏହାର ସାକ୍ଷି ହେଲୁ ଏକଥା ବର୍ତମାନ ଅଣ ଅହମଦି ମୁସଲମାନ୍‌ମାନେ ମଧ୍ୟ କହିବାକୁ ଲାଗିଲେଣି ବିଶେଷ କରି ତାଙ୍କ ଧର୍ମଗୁରୁ (ଓଲମା)ଙ୍କ ବିଷୟରେ ମଧ୍ୟ ସ୍ୱର ଉତୋଳନ କରିବାକୁ ଲାଗିଲେଣି । କିନ୍ତୁ ରୁକ୍ଷ ଭାଷାରେ ହିଁ ସ୍ୱର ଉତୋଳନ କରୁଛନ୍ତି । କିନ୍ତୁ ଆମ୍ଭେ ଅହମଦି ମୁସଲମାନମାନେ ମଧ୍ୟ ସେହି ଦୃଷ୍ଟିରୁ ଖୁସିରେ ଅଛୁ ଯେ, ଆଁ ହଜରତ୍ ସ:ଆ:ସଙ୍କ ଭବିଷ୍ୟତ ବାଣୀର ଦ୍ୱିତୀୟ ଅଧ୍ୟାୟକୁ ମଧ୍ୟ ସମ୍ପୂର୍ଣ୍ଣ କରିଥିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରେରିତ ଦେବଦୂତ ଓ ଆଁ ହଜରତ୍ ସ:ଆ:ସଙ୍କ ସତ୍ୟବାଦୀ ମୁନିବ ମସିହ୍ ମଉଦ୍ ଓ ମେହେଦି ମଉଦ୍‌ଙ୍କୁ ମାନିବାବାଲା ମାନଙ୍କ ମଧ୍ୟରେ ସାମିଲ୍ ଅଟୁ ଯାହାଙ୍କ ଜରିଆରେ ଇସ୍‌ଲାମ୍‌ର ଦ୍ୱିତୀୟ ଆବିର୍ଭାବର ସମୟ ଆରମ୍ଭ ହୋଇଯାଇଛି । କିନ୍ତୁ ଏତିକି କଥା କଣ ଆମକୁ ଆମମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ଯଥେଷ୍ଟ ଅଟେ କି ? ଏହା ଏପରି ଏକ ପ୍ରଶ୍ନ ଅଟେ ଯାହା ଉପରେ ଆମମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କୁ ଅନୁଧ୍ୟାନ କରିବା ଦରକାର ।

ଏହି ଆୟତ୍ ଯାହାକୁ ମୁଁ ଆବୃତ କଲି ଉକ୍ତ ଆୟତ୍‌ରେ ମୋର ବହୁତ୍ ଗୁଡାଏ ଭାଷଣରେ ଅଭିଭାଷଣରେ ବର୍ଣ୍ଣନା କରିସାରିଛି, ଯାହା ଅନ୍ୟମାନଙ୍କ ସମ୍ମୁଖରେ କରିଥାଏ ଏବଂ ସେମାନଙ୍କୁ କହିଥାଏ ଯେ ଯେତେବେଳେ ଇସ୍‌ଲାମ୍ ନ୍ୟାୟ ଓ ନିରପେକ୍ଷ ପାଇଁ କରୁଛୁ ସେଥିପାଇଁ ଯେଉଁ ସ୍ତର ନିର୍ଦ୍ଧାରଣ କରିଅଛି ତାହା ଉକ୍ତ ଆୟତ୍‌ରେ ଲେଖାଯାଇଛି । ବହୁତ ଲୋକ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ସେମାନେ ତାର ବିଶ୍ଳେଷଣ କରି ଚର୍ଚ୍ଚା କରିଥାନ୍ତି । କିନ୍ତୁ ଆମର କାର୍ଯ୍ୟ କେବଳ ସେମାନଙ୍କୁ ଶିକ୍ଷାଭିତିକ ପ୍ରଭାବିତ କରିବା ନୁହେଁ, ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ମିଶନ୍‌କୁ ଆଗକୁ ବଢ଼ାଇବା ପାଇଁ ଆମକୁ କୋରାନ୍‌ର ଆଦେଶକୁ ପାଳନ କରି ନିଜ ଭିତରେ ଉଦାହରଣ ସୃଷ୍ଟି କରିବା ଆବଶ୍ୟକ । ଆମ ପାଖରେ କୌଣସି ଶାସନ ନାହିଁ ଯେଉଁଠି ଆମେ ପ୍ରଶାସନିକ ସ୍ତରରେ ସେହି ଆଦେଶ ଗୁଡିକର ନମୁନା ସୃଷ୍ଟିକରି ଦେଖାଇ ପାରିବା । ଯେତେବେଳେ ଅଲ୍ଲାଃତାଲା ଚାହିଁଲେ ସେ ସମୟ ଆସିବ ତେବେ ଉଚ୍ଚସ୍ତରୀୟ ନମୁନା ଆମମାନଙ୍କୁ ଦେଖାଇବାକୁ ପଡ଼ିବ । କିନ୍ତୁ ବର୍ତମାନ ଜମାତି ଓ ସାମାଜିକ ସ୍ତରରେ ଆମକୁ ଏହି ନମୁନା ସୃଷ୍ଟି କରିବାକୁ ହେବ ।

ସଂସାର ଆମକୁ ପ୍ରଶ୍ନ କରିପାରେ ଯେ, ତୁମ ପାଖରେ ତ ଶାସନ ଅଧିକାର ନାହିଁ । କିନ୍ତୁ ତୁମର ତ ଗୋଟିଏ ଜମାତି ନେଜାମ୍ ଅଛି । ତୁମେ ଗୋଟିଏ ଜମାତ୍ ଅଟ । ତୁମେମାନେ ଗୋଟିଏ ହାତରେ ଛିଡାହେଉଛ ଓ ବସି ଯିବାର ଦାବି କରୁଛ । ତୁମ ମାନଙ୍କର ଜଣେ ଅନ୍ୟ ଜଣକ ସହିତ ସମ୍ପର୍କ ଓ ସାମାଜିକ କ୍ଷେତ୍ରରେ କାମ ରହିଛି । ତୁମେମାନେ କଣ ନିଜର ସମସ୍ତ କାର୍ଯ୍ୟକୁ ନ୍ୟାୟ ଓ ସ୍ୱଛତାର ସହିତ ସଂପାଦନ କରୁଛ ।

ଅଲ୍ଲାଃତାଲା ଏହି ଆୟତର ଆରମ୍ଭରୁ ଗୋଟିଏ ସ୍ଥାନରେ ''କସତ୍'' ଶବ୍ଦ ବ୍ୟବହାର କରିଛନ୍ତି ଏବଂ ଅନ୍ୟ ସ୍ଥାନରେ ''ଅଦଲ୍''ର ଯାହାର ଅର୍ଥ, ସମତୁଲ, ସମ୍ପୂର୍ଣ୍ଣ ରୂପେ ନ୍ୟାୟ, ଉଚକୋଟିର ଆଚରଣ, କୌଣସି ପକ୍ଷପାତିତାରୁ ସମ୍ପୂର୍ଣ୍ଣ ରୂପେ ନିବୃତି ଓ ବିନା କୌଣସି ନତ ମସ୍ତକ ଓ ପ୍ରଭାବଶାଳୀ ହୋଇ କାର୍ଯ୍ୟ କରିବାର ବର୍ତମାନ ପ୍ରତ୍ୟେକଙ୍କୁ ଏହା କରିବାକୁ ହେବ ଯେ, କଣ ସେହି କଥାଗୁଡିକୁ ନିଜ ସମ୍ମୁଖରେ ରଖି ଆମେ ଆମର ସମସ୍ତ ବିଷୟକୁ ସମାଧାନ କରୁଅଛେ ? କଣ ଆମେ ଉକ୍ତ ସ୍ତରକୁ ରକ୍ଷା କରିବା ପାଇଁ ନିଜ ବିରୋଧରେ ସାକ୍ଷ ଦେବା ପାଇଁ ପ୍ରସ୍ତୁତ କି ? କଣ ଆମେ ଉକ୍ତ ସ୍ତରକୁ ରକ୍ଷା କରି ନିଜର ପିତା, ମାତାଙ୍କ ବିରୋଧରେ ସାକ୍ଷ ଦେବା ପାଇଁ ପ୍ରସ୍ତୁତ କି ? କଣ ଆମେ ଉକ୍ତ ସ୍ତରକୁ ରକ୍ଷାକରି ଆମ ନିଜର ସମ୍ପର୍କୀୟଙ୍କ ବିଷୟରେ ସାକ୍ଷ ଦେବା ପାଇଁ ପ୍ରସ୍ତୁତ କି ? ଏଠାରେ ନିଜ ସମ୍ପର୍କୀୟ ଅର୍ଥ ସର୍ବ ପ୍ରଥମେ ସନ୍ତାନମାନେ । କଣ ଆମେ ଉକ୍ତ ସ୍ତରକୁ ରକ୍ଷା କରି ନିଜ ଉଦ୍ଦେଶ୍ୟ ପୁରଣକୁ ତ୍ୟାଗ କରିବାର ଇଚ୍ଛା ଶକ୍ତିକୁ ତ୍ୟାଗ କରି କର୍ତବ୍ୟ ପାଳନ କରି ତାହା ଦେଖାଇ ପାରିବା ମଧ୍ୟ । ଏସବୁ ଏପରି କଥା ଯାହା ସାଧାରଣ ନୁହେଁ । ଏହି ଯୁଗରେ ଆଁ ହଜରତ୍ ସ:ଆ:ସଙ୍କ ସତ୍ୟବାଦୀ ଦାସ ଏହି ସବୁ ନମୁନା ପ୍ରତିଷ୍ଠା କରି ଆମମାନଙ୍କୁ ଦେଖାଇଲେ ।

ଗୋଟିଏ ଘଟଣା ଅଛି: ଆପଣଙ୍କ ପିତା କାଦିୟାନ୍‌ର ଧନୀ ବ୍ୟକ୍ତି ଥିଲେ । ଜମି ବାଡ଼ି ଥିଲା । ଗୋଟିଏ ଅବସରରେ ଯେତେବେଳେ ଘରବାଡ଼ି ସମ୍ବନ୍ଧରେ ତହସିଲ୍‌ଦାରଙ୍କ ଦ୍ୱାରା ଗୋଟିଏ ପାରିବାରିକ ମୋକଦ୍ଦମା ଚାଲିଲା, ସେହି ମୋକଦ୍ଦମାକାରୀ ମାନଙ୍କ ସପକ୍ଷରେ ସତ୍ୟକଥା କହି ଆପଣ ଆପଣଙ୍କ ପରିବାରର ଅର୍ଥ କ୍ଷତି ପାଇଁ କୌଣସି ପରଓ୍ୱା କଲେ ନାହିଁ ବରଂ ସେହି ଗରିବ ଘରର ଲୋକମାନେ ଏକଥା ଜାଣିଥିବା ସତ୍ୱେ ଯେ ଆପଣ ପ୍ରକୃତ ମାଲିକ ବୋଲି । କିନ୍ତୁ ଅଦାଲତ୍‌ରେ ଆପଣଙ୍କ ସାକ୍ଷିକୁ ଆଧାର କରି ଫଏସଲା କରାଗଲା । କାରଣ ସେମାନଙ୍କୁ ଜଣାଥିଲା କି, ଆପଣ ସର୍ବଦା ଅଧିକାର ଓ ନ୍ୟାୟ ଉପରେ ଅଟଳ ରହି ସାକ୍ଷି ଦେବେ ।

ସୁତରାଂ ଆପଣ ସେମାନଙ୍କ ସପକ୍ଷରେ ସାକ୍ଷୀ ଦେଲେ ।

(ଉଦ୍ଧୃତ ଖୁତ୍‌ବାତେ ମହେମୁଦ୍, ଖଣ୍ଡ-୧୭, ପୃଷ୍ଠା-୫୪୨-୫୪୩)

ଆପଣ ଏହି ସ୍ତରକୁ ଆପଣଙ୍କ ଅନୁଗାମୀ ମାନଙ୍କ ମଧ୍ୟରେ କାଏମ୍ କରିବା ପାଇଁ ଚାହିଁଛନ୍ତି । ଏଥିପାଇଁ ଯେ, ଆପଣ ଏପରି ଜମାତ୍ ଗଠନ କରିବା ପାଇଁ ଚାହୁଛନ୍ତି ଏବଂ ସୃଷ୍ଟି କରିବାକୁ ଚାହୁଁଛନ୍ତି, ଯିଏ ପବିତ୍ର କୋରାନ୍ ମୁତାବକ ଅମଳ କରିପାରୁଥିବେ । ଯାହାଙ୍କ ପୁଣ୍ୟର ସ୍ତର ଉଚ୍ଚତର ହୋଇଥିବ । ତେଣୁକରି ଆପଣ ବୟତ୍ ନେବା ସମୟରେ ପବିତ୍ର କୋରାନ୍‌ର ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ରୂପେ ନିଜ ମୁଣ୍ଡ ଉପରେ ରଖି ଗ୍ରହଣ କରିବା ସଂକଳ୍ପ ଆମଠାରୁ ନେଇଛନ୍ତି ।

ପବିତ୍ର କୋରାନ୍‌ରେ ଅନ୍ୟ ଏକ ସ୍ଥାନରେ ଅଲ୍ଲାତାଲା କହୁଛନ୍ତି: ''ୱଲା ୟଜିରି ମନ୍ନକୁମ୍ ଶନାନୁ କଓମିନ୍ ଅଲା ଅଲ୍ଲା ତା ଦିଲୁ ଇଦିଲୁ ହୁଓ୍ୱ ଅକ୍‌ରବୁଲିତ୍‌ତକଓ୍ୱା'' । (ଅଲ୍ ମାଏଦା:୯) ଅର୍ଥାତ୍- ଶତ୍ରୁ ପକ୍ଷର ଶତ୍ରୁତା ତୁମକୁ ନ୍ୟାୟରୁ ବଂଚିତ ନ କରୁ ନ୍ୟାୟ ଉପରେ ଅଟଳ ରୁହ, ଯେ, ଭୟ (ତକଓ୍ୱା) ସେଇଥିରେ ଅଛି ।

ସେ ବିଷୟରେ ହଜରତ୍ ମସିହ୍ ମଉଦ୍ ଆ:ସ କହନ୍ତି: ମୁଁ ସତ୍ୟତାର ସହିତ କହୁଛି ଯେ, ଶତ୍ରୁ ସହିତ ନମ୍ରତାର ସହ ବ୍ୟବହାର କରିବା ସହଜ ଅଟେ କନ୍ତୁ ଶତ୍ରୁର ଅଧିକାରକୁ ସୁରକ୍ଷା ଦେବା ଓ ମୋକଦ୍ଦମାର ନ୍ୟାୟ ଓ ନିରପେକ୍ଷତାର ରକ୍ଷା କରିବା ବହୁତ କଠିନ ଏବଂ ସୁ ପୁରୁଷଙ୍କ କାର୍ଯ୍ୟ ଅଟେ । କହିଲେ: ଅନେକ ଲୋକ ନିଜ ଶତ୍ରୁମାନଙ୍କ ସହିତ ସ୍ନେହ କରିଥାନ୍ତି, ମିଠା କଥା କହିଥାନ୍ତି କିନ୍ତୁ ତାଙ୍କ ଅଧିକାରକୁ ଦବେଇ ଦେଇଥାନ୍ତି ।''

(ନୁରୁଲ୍ କୋରାନ୍ ନଂ-୨, ରୋହାନି ଖଜାଏନ୍, ଖଣ୍ଡ-୯, ପୃଷ୍ଠା-୪୦୯-୪୧୦)

ଆପଣ ଆ:ସ ସଲାମ୍ ନିଜ ଜମାତ୍‌ର ଲୋକମାନଙ୍କଠାରୁ ଆଶା ରଖିଛନ୍ତି ଯେ, ତାଙ୍କ ସ୍ତର ବହୁତ୍ ଉଚ୍ଚରେ ହେଉ, କର୍ତବ୍ୟ ପାଳନ ହେଉ ଓ କୋରାନର ଶିକ୍ଷା ମୁତାବକ ହେଉ । ଅଧିକାରକୁ ଯୋର୍ ଜବରଦସ୍ତ ଛଡାଇନେବା ଓ ଅନ୍ୟାୟକାରୀ ମାନଙ୍କ ମଧ୍ୟରେ ପରିଗଣିତ ନ ହୁଅନ୍ତୁ । ଯଦି ନ୍ୟାୟ କରିବାର ଅଧିକାର ମିଳେ ତେବେ ସବୁଠାରୁ ଉତ୍କୃଷ୍ଟ ନ୍ୟାୟ ହେବା ଉଚିତ୍ । ସେହି ନ୍ୟାୟ ଦ୍ୱାରା ନିଜକୁ ମଧ୍ୟ କ୍ଷତି ପହଂଚୁ, ନିଜ ପିତାମାତାଙ୍କର କ୍ଷତି ହେଉ ପଛକେ ଅଥବା ନିକଟ ସମ୍ପର୍କୀୟଙ୍କର କ୍ଷତି ହେଉ । ନିଜ ସନ୍ତାନ ସନ୍ତତି ମାନଙ୍କର କ୍ଷତି ହେଉନା କାହିଁକି, ନ୍ୟାୟ ଉଚ୍ଚକୋଟୀର ହେବା ଉଚିତ୍ । ସୁତରାଂ, ଯଦି ଆମେ ଏପରି ନମୁନା ପରସ୍ପର ମଧ୍ୟରେ ସ୍ଥାପନ କରିବା ତେବେ ସଂସାରବାସୀଙ୍କୁ କହିପାରିବା ଯେ, ଆଜି ଆମେମାନେ ହିଁ ଅଟୁ, ଯେଉଁମାନେ ନିଜ ଭିତରେ ପରିବର୍ତନ ଆଣି ଇସ୍‌ଲାମୀୟ ଶିକ୍ଷାକୁ ପାଳନ କରି ଶତ୍ରୁକୁ ମଧ୍ୟ ନ୍ୟାୟ ଦେଉଅଛୁ । ସତ୍ୟତାର ସହିତ ସାକ୍ଷ ପ୍ରଦାନ କରିଥାଉ । ନିଜ ବିପକ୍ଷରେ ହେଉନା କାହିଁକି, ନିଜ ପିତା ମାତାଙ୍କ ବିପକ୍ଷରେ ହେଉ ନା କାହିଁକି, ନା ନିକଟ ସମ୍ପର୍କୀୟଙ୍କ ବିପକ୍ଷରେ ହେଉନା କାହିଁକି, ଏହି ଉଦାହରଣ ଆମେ ଏଥିପାଇଁ ପ୍ରତିଷ୍ଠା କରୁଅଛୁ ଯେ ଆଗାମୀ ଦିନରେ ପୃଥିବୀକୁ ମାର୍ଗ ଦର୍ଶନ ଆମମାନଙ୍କୁ ହିଁ କରିବାକୁ ହେବ ।

ପ୍ରତ୍ୟେକ ଅହମଦୀଙ୍କୁ ଓ ବିଶେଷ କରି ଏଠାରେ ମୁଁ କହିବାକୁ ଚାହୁଁଛି ଯେ ଓ୍ୱହଦାଦାରଙ୍କୁ ଏହା ଦେଖିବା ଆବଶ୍ୟକ ଯେ ସେମାନେ କେତେଦୂର ପର୍ଯ୍ୟନ୍ତ ନିଜ ଅମାନତ୍‌ର କର୍ତବ୍ୟକୁ ସଂପାଦନ କରୁଛନ୍ତି ଓ ନ୍ୟାୟ ଓ ନିରପେକ୍ଷତାର ସ୍ତରକୁ ପ୍ରତିଷ୍ଠା କରିପାରୁଛନ୍ତି । ସେମାନଙ୍କର ପ୍ରତ୍ୟେକ ନିଷ୍ପତି ନ୍ୟାୟ ଉପରେ ପର୍ଯ୍ୟବେଶିତ ହେବା ଉଚିତ୍ ।

ମୁଁ କାନାଡ଼ା ଯାଇଛି । ସେଠାରେ ମଧ୍ୟ କେତେକ ଓ୍ୱହଦାଦାର ଏବଂ ସେହିଲୋକମାନଙ୍କ ବିଷୟରେ ଯେଉଁମାନଙ୍କ ପାଖରେ ଓ୍ୱହଦା ନାହିଁ କିନ୍ତୁ କିଛି ସେବାର ସୁଯୋଗ ଦିଆଯାଇଅଛି । ସେମାନଙ୍କ ନିମନ୍ତେ ଲୋକମାନଙ୍କର ଆପତି ଅଛି ଯେ, ସେମାନେ ନ୍ୟାୟ ଦ୍ୱାରା କାମ ତୁଲାଉ ନାହାଁନ୍ତି । କେତେକ ଲୋକ ନିଜ ନିକଟ ସମ୍ପର୍କୀୟଙ୍କ ସପକ୍ଷରେ

ରାୟ ଦେଇଥାନ୍ତି ବା ଫଏସଲା କରିଥାନ୍ତି । ଏହା ତ ଠିକ୍ ଯେ କାହାରି ନା କାହାରି ସପକ୍ଷରେ ତ ଫଏସଲା ହେବା କଥା । କିନ୍ତୁ ଦୁଇ ପକ୍ଷଙ୍କୁ ଏହା ହୃଦବୋଧ ହେବା ଉଚିତ୍ ଯେ, ଆମ କଥା ଶୁଣା ଯାଇଛି ଏବଂ ଶୁଣିବା ପରେ ଫଏସଲାକାରୀ ନିଜ ବୁଦ୍ଧି ଅନୁସାରେ ନିଷ୍ପତି କଲେ । ଯେଉଁ ମାମଲାରେ ପବ୍ଲିକ୍ ଡିଲିଙ୍ଗ୍ ହେଉଛି ସେଥିରେ ଗୋଟିଏ ''କଜା'' ବିଭାଗ ଅଛି ଯାହା ଲୋକଙ୍କ ମଧ୍ୟରେ ଆପୋସ ମନ ମାଳିନ୍ୟର ଫଏସଲା କରିଥାଏ । ପୁଣି ''ଉମୁରେ ଆମାଁ ବିଭାଗ ରହିଛି ତା'ର ମଧ୍ୟ କିଛି ନା କିଛି ସମ୍ପର୍କ ରହିଛି । ପୁଣି ''ତରବିୟତ'' ବିଭାଗ ଓ ଇସଲାହି କମିଟିରେ କାମ ମଧ୍ୟ ରହିଛି । ପୁଣି କେତେକ ବିଷୟରେ ଅନୁସନ୍ଧାନ ପାଇଁ କମିଶନ ଗଠନ ହୋଇଥାଏ । ବେଳେବେଳେ ତାଙ୍କ କାର୍ଯ୍ୟ ପଡ଼ିଥାଏ । କମିଶନ୍ ମଧ୍ୟ ପକ୍ଷଙ୍କ କଥାକୁ ଶୁଣିଥାଏ । ପ୍ରତ୍ୟେକ ବିଭାଗର ଦାୟିତ୍ୱ ଏହା ଯେ, ଫଏସଲା କରିବା ସମୟରେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଅନୁଧ୍ୟାନ କରି ତନଖି କରି ପ୍ରତ୍ୟେକ ବିଷୟ ଉପରେ ତିକ୍ଷଣ ଦୃଷ୍ଟି ରଖି, ଫଏସଲା କରିବା ଉଚିତ୍ । ଦୁଆ କରନ୍ତୁ ଅଲ୍ଲାତାଲାଙ୍କ ଠାରୁ ଯାହାଯ୍ୟ ଭିକ୍ଷା କରନ୍ତୁ ଯେ, ଉଚିତ୍ ଫଏସଲା କରିବା ପାଇଁ ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ । କୌଣସି ଫଏସଲା କରିବା ପୂର୍ବରୁ ଦୁଆ ନିଶ୍ଚୟ କରିବା କଥା । କେତେକ ଏପରି ମଧ୍ୟ ଅଛନ୍ତି, ଯେଉଁମାନେ କହନ୍ତି ଯେ, ଆମେ ଫଏସଲା କରିବା ପୂର୍ବରୁ ଯେତେବେଳଯାଏ ନଫିଲ୍ ନମାଜ ପାଠ ନ କରିଛୁ ଫଏସଲା କରିବୁ ନାହିଁ । କିନ୍ତୁ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ବେଳେବେଳେ ଅବହେଳା କରି ନିଷ୍ପତି କରିଥାନ୍ତି କିମ୍ବା କୌଣସି ବ୍ୟକ୍ତିଗତ ସ୍ୱାର୍ଥକୁ ଆଖି ଆଗରେ ରଖି ଫଏସଲା କରିଥାନ୍ତି ।

ସେହିପରି ଲୋକଙ୍କ ସହିତ ମାମଲା ଓ ଡିଲିଙ୍ଗ୍ କରିବା ପାଇଁ ଜେନେରାଲ୍ ସେକ୍ରେଟାରୀଙ୍କ ବିଭାଗ ଅଛି । ଜେନେରାଲ୍ ସେକ୍ରେଟାରୀଙ୍କ ଓ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରତ୍ୟେକ କର୍ମଚାରୀଙ୍କ କର୍ତବ୍ୟ ଯେ, ତାଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଲୋକଙ୍କ ସହିତ ସେମାନେ ସମ୍ମାନ ଓ ଇଜ୍ଜତ ସହକାରେ ବ୍ୟବହାର କରନ୍ତୁ । ଏପରି ନହେଉ ଯେ, ଯେଉଁମାନେ ପସନ୍ଦ ଯୋଗ୍ୟ ଲୋକ ସେମାନଙ୍କ ସହିତ ଗୋଟିଏ ପ୍ରକାର ବ୍ୟବହାର ଯେଉଁମାନେ ଅଚିହ୍ନା ଲୋକ ସେମାନଙ୍କ ସହିତ ବିପରୀତ ବ୍ୟବହାର କରାଯାଉ । ସେ କଥାର ଅନୁଧ୍ୟାନ କରିବା ଉଚିତ୍ ଯେ ସେମାନଙ୍କ ସହିତ କାର୍ଯ୍ୟରତ କର୍ମଚାରୀମାନେ ଓ ସହଯୋଗୀମାନେ ନ୍ୟାୟ ରକ୍ଷାକରି ନିଜ କାର୍ଯ୍ୟ ସମ୍ପାଦନ କରୁଛନ୍ତି କି ନାହିଁ ? ଏହା ଅମାନତ୍ ଅଟେ ଯାହାକୁ କାର୍ଯ୍ୟରତ କର୍ମଚାରୀଙ୍କ ଦାୟିତ୍ୱରେ ଦିଆଯାଇଛି । କୌଣସି ସେବା କାହା ଦାୟିତ୍ୱରେ ଦେବା ସମୟରେ ତାଠାରୁ ସଂକଳ୍ପ ନିଆଯାଉ ଯେ, ମୁଁ ମୋର କାର୍ଯ୍ୟକୁ ମୋର ସକ୍ଷମ ଅନୁସାରେ ନ୍ୟାୟର ସହିତ ସମ୍ପାଦନ କରିବି ଏବଂ ଏହା ଏପରି ଗୋଟିଏ ଅମାନତ୍ ଅଟେ ଯେ, ଯେଉଁ ଦାୟିତ୍ୱକୁ ଗ୍ରହଣ କରିବା ତାହା ସ୍ୱଚ୍ଛତାର ସହିତ ଅଲ୍ଲାତାଲାଙ୍କ ପାଇଁ ହେବା ଉଚିତ୍ । ଏପରି ତ ସମସ୍ତ ମୋମିନ୍ ଏ କଥାରେ ପାବନ୍ଧ ଅଟନ୍ତି ଯେ ସେ ନିଜ ଅମାନତର ସୁରକ୍ଷା କରିବେ ଓ ସେହି ଅଧିକାରକୁ ସୁଚାରୁରୂପେ ପାଳନ କରିବେ ଏବଂ ତାର ହକ୍ ପ୍ରଦାନ କରିବେ । ଯେପରିକି ଅଲ୍ଲାତାଲା ପବିତ୍ର କୋରାନ୍‌ରେ କହିଛନ୍ତି ''ୱଲ୍ ଲଜିନା ହୁମ୍ ଲି ଅମାନାତେହିମ୍ ୱ ଆହଦେ ହିମ୍ ରାଉନ୍''(ଅଲମୁମେନୁନ୍:୯) ଅର୍ଥାତ୍-ଯେ ପୁଣ୍ୟବନ୍ତ ସେ ନିଜର ଅମାନତ୍ ଓ ୱହଦାର ଖିଆଲ୍ ରଖିଥାଏ । କିନ୍ତୁ ଯିଏ ନିର୍ମଳତାର ସହିତ ଅଲ୍ଲାତାଲାଙ୍କ ପାଇଁ କାର୍ଯ୍ୟ କରିଥାନ୍ତି କିମ୍ବା କରୁଛନ୍ତି ଯାହାଙ୍କ ଉପରେ ବିଶେଷ ଭାବରେ ଏହି ଜିମ୍ମେଦାରି ଦିଆଯାଇଛି ତାଙ୍କୁ ଜଣେ ସାଧାରଣ ମୋମିନଙ୍କ ଠାରୁ ବଳି ଆହୁରି ଅଧିକ ମାତ୍ରାରେ କର୍ତବ୍ୟ ତୁଲାଇବାକୁ ହେବ ।

ଏଠାରେ ଏକଥା ମଧ୍ୟ ସ୍ପଷ୍ଟ ହେଉଛି ଯେ, ତୁମେ ଭାବନାହିଁ ଯେ, ଏହା କେବଳ ମର୍କଜ ର ୱହଦାଦାରମାନଙ୍କ ନିମନ୍ତେ ବୋଲି ବରଂ ସଦରମାନେ ଓ ତାଙ୍କ ଆମଲାର ସଦସ୍ୟ ମାନେ ମଧ୍ୟ ଏଥିରେ ସାମିଲ୍ ଯେଉଁମାନଙ୍କର ସେମାନେ ନିରିକ୍ଷଣ କରିବା ଆବଶ୍ୟକ ଯେ, କଣ ସେମାନେ ତାଙ୍କ ନ୍ୟାୟର ସମସ୍ତ ଆବଶ୍ୟକତାକୁ ପୁରଣ କରିଛନ୍ତି ? ଏହା କେବଳ କାନାଡ଼ାର କଥା ନୁହେଁ, ଜର୍ମାନୀରୁ ମଧ୍ୟ ଓ ଏଠାରେ ମଧ୍ୟ, ଅନ୍ୟଦେଶ ଗୁଡିକରୁ ମଧ୍ୟ ଏହି ଅଭିଯୋଗ ଆସୁଛି । ପ୍ରତ୍ୟେକ ସ୍ଥାନରେ ନିଜର ଆଚରଣକୁ ଠିକ୍ କରିବାର ଆବଶ୍ୟକତା ରହିଛି ନଚେତ୍ ନ୍ୟାୟକୁ ପରିତ୍ୟାଗ କରି ନା କେବଳ ଅମାନତ୍ ଓ ୱହଦାର ଧ୍ୟାନ ରଖିପାରୁଛ ବରଂ ଖୟାନତ୍ କରିବାରେ ଭାଗିଦାରୀ ହେଉଅଛ । ଅଲ୍ଲାତାଲା କହୁଛନ୍ତି - ସେ ଖୟାନତକାରୀଙ୍କୁ ପସନ୍ଦ କରନ୍ତି ନାହିଁ । ସେବା କରି ପୁଣ୍ୟ ନେବା ବଦଳରେ ଅନ୍ୟାୟ କରି ଗର୍ବିତ ହୋଇ ଅଲ୍ଲାତାଲାଙ୍କ କୋପର ଶିକାର ହୋଇଥାନ୍ତି । ସୁତରାଂ ଯେଉଁଠି ଭୁଲ ହେଉଛି ସେଠି ଭୁଲକୁ ଲୁଚାଇବାକୁ ଯାଇ ବାହାନା କରିବା ବଦଳରେ ଓ ଭୁଲକୁ ସୁଧାରିବା ପାଇଁ ''ଇସ୍‌ତେଗଫାର୍'' କରି ନିଜର ଇସଲାହା କରିବା ପାଇଁ ଚେଷ୍ଟା କରିବା ଦରକାର । ଆମ ଓହଦାଦାରମାନଙ୍କୁ ନିଜର ଅନୁଧ୍ୟାନ କରିବା ଆବଶ୍ୟକ ଯେ ସେମାନେ କ'ଣ ଅଲ୍ଲାତାଲାଙ୍କ କହିଥିବା କଥା ଓ ନିୟମ ମୁତାବକ ନ୍ୟାୟର ଆବଶ୍ୟକତାକୁ ପୁରଣ କରୁଛନ୍ତି ? ନିଜ କାର୍ଯ୍ୟରେ ନ୍ୟାୟ କରୁଛନ୍ତି ଯାହାଙ୍କର କାମ ରହୁଛି ସେମାନଙ୍କୁ ମଧ୍ୟ ନ୍ୟାୟ ଦେଉଛନ୍ତି ? କେବଳ ସଦର (ସଭାପତି) ହେବା କିମ୍ବା ସେକ୍ରେଟାରୀ (ସଚିବ) ହେବା ଅଥବା ଅମିର୍ ହେବା କୌଣସି ଅର୍ଥ ହୋଇନଥାଏ । ଏହି ଓହଦା (ପଦବୀ) ନା'ତ କାହାର ଉପହାରର ମଧ୍ୟମ ଅଟେ, ନା'ତ ଅଲ୍ଲାତାଲାଙ୍କ ଉପରେ ଓ ତାଙ୍କ ଜମାତ ଉପରେ କୌଣସି ଦୟା ଯଦିଓ ସେମାନେ ନିଜ ଅମାନତ୍ ଓ ଓହଦାର୍ ସଦୁପଯୋଗ କରୁନାହାଁନ୍ତି ଯେପରି ଅଲ୍ଲାତାଲା ଚାହୁଁଛନ୍ତି ଓ ସ୍ୱଚ୍ଛତାର ସହିତ କରୁନାହାଁନ୍ତି, ତେବେ ସେଥିରୁ କୌଣସି ଲାଭ ମିଳିବ ନାହିଁ । ପ୍ରତ୍ୟେକ ଫଏସଲାରେ ନ୍ୟାୟକୁ ବଜାୟ ରଖନ୍ତୁ ଏବଂ ସ୍ୱଚ୍ଛତାର ସହ ଅଲ୍ଲାତାଲାଙ୍କ ପାଇଁ ପ୍ରତ୍ୟେକ ୱହଦାଦାରଙ୍କୁ କାମ କରିବା ଦରକାର । ଯଦି କୌଣସି ବିଷୟ ସାମନାକୁ ଆସୁଛି, ଯାହା ପାଇଁ ପୂର୍ବରୁ ଭୁଲ୍ ଫଏସଲା ହୋଇଯାଇଥିଲା ତେବେ ଯେପରି ମୁଁ କହିଥିଲି ନିଜର ଭୁଲ୍‌କୁ ସ୍ୱୀକାର କରି ସେହି ଫଏସଲାକୁ ଠିକ୍ କରନ୍ତୁ । ନିଜର ଆଚରଣକୁ ଠିକ୍ କରନ୍ତୁ, ଅଲ୍ଲାତାଲାଙ୍କ ସେହି ଆଦେଶକୁ ମଧ୍ୟ ମନେ ରଖନ୍ତୁ ଯେ ''ୱକୁଲୁ ଲିନ୍ନାସେ ହୁସ୍‌ନା'' (ଅଲବକ୍‌ରା:୮୪) ଅର୍ଥାତ୍- ଲୋକମାନଙ୍କ ସହିତ ନମ୍ରତା ଏବଂ ଉତମ ଆଚରଣ ଦେଖାଇ ବାର୍ତାଳାପ କର ।

ଯେପରିକି ମୁଁ କହିଲି ଦୁନିଆର ପ୍ରତ୍ୟେକ ଦେଶର ଓହଦାଦାରମାନେ ନିଜ କାର୍ଯ୍ୟର ନିରିକ୍ଷଣ କରିବା ଆବଶ୍ୟକ । ଯଦଚ ମୁଁ କାନାଡ଼ାର ଉଦାହରଣ ଦେଇଛି ସେଥିରୁ ମନ ପଡ଼ିଲା ଯେ ସେଠାରେ ଲୋକମାନଙ୍କ ମଧ୍ୟରେ ଜମାତ୍ ଅଧିକ ପରିଚିତ । ବର୍ତମାନ ମୋ ଯାତ୍ରା ପରଠୁ ଅଧିକ ସମ୍ପକ ମଧ୍ୟ ବଢ଼ିଯାଇଛି । ଲୋକମାନଙ୍କ ଦୃଷ୍ଟିରେ ଆମେ ଅନ୍ୟମାନଙ୍କ ତୁଳନାରେ ଅଧିକ । ସେଥିପାଇଁ ଆମକୁ ପ୍ରତ୍ୟେକ ବିଷୟରେ ନିଜର ନମୁନା ଦେଖାଇବା ଆବଶ୍ୟକ । ଆମର ସମସ୍ତ ଓହଦାଦାର ବିଶେଷ କରି ପ୍ରତ୍ୟେକ ଅହମଦି, ବିଶ୍ୱ ସମ୍ମୁଖରେ ଉଦାହରଣ ଦେବା ଉଚିତ୍ ।

ବର୍ତମାନ ପୃଥିବୀରେ ଗଣ୍ଡଗୋଳ, ଅସ୍ଥିରତା ଏବଂ ଅଧିକାରକୁ ଛଡ଼ାଇ ନେବାର ନମୁନା ଦେଖାଯାଉଛି । ସେ କ୍ଷେତ୍ରରେ ଜମାତ୍‌କୁ ନ୍ୟାୟ ଓ ଅଧିକାର ପ୍ରଦାନ କରିବାର ନମୁନା ଦେଖାଇବା ଆବଶ୍ୟବ । ଏହି ପରିଚୟ ଦ୍ୱାରା ପୃଥିବୀବାସୀ ଦେଖିବେ ଏ ଜମାତ୍ କିପରି ଜମାତ୍ ଅଟେ । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ନମୁନା ଅଟନ୍ତି । ସୁତରାଂ ପ୍ରତ୍ୟେକ ଅହମଦିଙ୍କୁ ଏ କଥା ମନେରଖିବାକୁ ହେବ ଯେ, କେବଳ ଏହା ୱହଦାଦାର୍‌ମାନଙ୍କର ଦାୟିତ ନୁହେଁ ବରଂ ପ୍ରତ୍ୟେକ ଅହମଦିର ଦାୟିତ୍ୱ ଅଟେ । ଏହା ସମସ୍ତଙ୍କର କର୍ତବ୍ୟ ଅଟେ ଯେ ସମସ୍ତେ ନିଜ ନିଜ ଭିତରେ ସୁସମ୍ପର୍କ ରକ୍ଷା କରି ଏକ ଉଦାହରଣ ସୃଷ୍ଟି କରିବେ । ନ୍ୟାୟ ରକ୍ଷାକରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ । ତେଣୁ ନିଜ ଆଚରଣ ଓ ଚରିତ୍ରକୁ ସୁଧାରି ଦିଅନ୍ତୁ । ପରସ୍ପର ମଧ୍ୟରେ କୌଣସି କୌଣସି ପ୍ରକାରର ପକ୍ଷପାତିତାରୁ ନିଜକୁ ସଂପୂର୍ଣ୍ଣ ରୂପେ ବଂଚିତ ରଖନ୍ତୁ । କେବେ ହେଲେ କୌଣସି ପାର୍ଶ୍ୱକୁ ଟଳିଯାଅନାହିଁ । ଅହେମଦିର ସାକ୍ଷୀ ଓ ପ୍ରମାଣ ନିଜ ନ୍ୟାୟ ଓ ସତ୍ୟତା ଯୋଗୁଁ ଗୋଟିଏ ଉଦାହରଣ ହେଉ ଏବଂ ସଂସାର କହୁ ଯେ ଯଦି ଅହେମଦି ସାକ୍ଷୀ ଦେଇଛି ତେବେ ତାର ପ୍ରତିବାଦ କରାଯାଇପାରିବ ନାହିଁ, କାରଣ ଏହି ସାକ୍ଷି ଉଚ୍ଚ ଧରଣର ନ୍ୟାୟ ଉପରେ ଆଧାରିତ ଅଟେ । ଯଦି ଆମେମାନେ ଏହା କରିବା ତେବେ ଆମେ ଆମ ଭାଷଣରେ ନିଜ କଥାରେ ନିଜ ପ୍ରଚରରେ ସତ୍ୟବାଦୀ ଅଟୁ, ନଚେତ୍ ଯେପରି ଅନ୍ୟମାନେ ଆମେ ମଧ୍ୟ ସେହିପରି ।

ପ୍ରତ୍ୟେକ ଅହେମଦୀଙ୍କୁ ମନେ ରଖିବା ଉଚିତ୍ ଯେ, ଆମେ ଆମ ବୟତ୍‌ରେ ସବୁ ପ୍ରକାର କୁକର୍ମରୁ ବଂଚିତ ରହିବା ପାଇଁ ସଂକଳ୍ପ କରିଅଛୁ । ସଂକଳ୍ପ ପ୍ରତି ଧ୍ୟାନ ନ ଦେବା, ଜାଣି ଶୁଣି ତାହା ପାଳନ ନ କରିବା କ୍ଷତିକାରକ ଅଟେ । ଆଁ ହଜରତ୍ ସ:ଆ:ସ ଜଣେ ପ୍ରକୃତ ସତ୍ୟବାଦିର ଚିହ୍ନ ବର୍ଣ୍ଣନା କରି କରିଛନ୍ତି ଯେ, କୌଣସି ବ୍ୟକ୍ତିର ହୃଦୟରେ ବିଶ୍ୱାସ ଓ ଅବିଶ୍ୱାସ, ସତ୍ୟ ଓ ମିଥ୍ୟା ଏକାଠି ହୋଇପାରିବ ନାହିଁ । ନା ଅମାନତ୍ ନା ଖୟାନତ୍ ଏକାଠି ହୋଇପାରିବେ ?

(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୩, ପୃଷ୍ଠା-୩୨୦ ମସନଦ୍ ଅବି ହୁରେରା ର:ଅ ହଦିସ୍-୮୫୭୭, ଉଦ୍ଧୃତ-ଆଲିମୁଲ୍ କୁତୁବ୍ ବେରୁତ୍ ୧୯୯୮ ଖ୍ରୀ:ଅ)

ପୁନଶ୍ଚ ଆଉ ଗୋଟିଏ ହଦିସ୍‌ରେ ଆପଣ କହିଛନ୍ତି ଯାହାକୁ ଓହଦାଦାରମାନେ

ମଧ୍ୟ ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ପ୍ରତ୍ୟେକ ଅହମଦିମାନଙ୍କୁ ମଧ୍ୟ ଆପଣ ସ:ଆ:ସ କହିଛନ୍ତି ଯେ, ତିନିଗୋଟି ବିଷୟରେ ମୁସଲମାନର ହୃଦୟ ଖୟାନତ୍‌କରି ନଥାଏ ସେହି ତିନିଗୋଟି କଥା ହେଲା- ଅଲ୍ଲାଃତାଲାଙ୍କ କାମ ପାଇଁ ନିର୍ମଳ ହୃଦୟ, ଦ୍ୱିତିୟରେ- ପ୍ରତ୍ୟେକ ମୁସଲମାନ ପାଇଁ ଉତ୍ତମ ଚିନ୍ତାଧାରା, ତୃତୀୟଟି ହେଲା-ଜମାତ୍ ସହିତ ମିଳିମିଶି ରହିବା । (ସୁନନ୍ ତିରମିଜି କିତାବୁଲ୍ ଇଲମ ଅଧ୍ୟାୟ-ମାଜାଆ ଫିଲ୍‌ହିସ୍ ଆଲ୍ଲା ତବ୍‌ଲିଗସ୍ ସମାଏ ହଦିସ୍-୨୬୫୮)

ଯେପରି ମୁଁ କହିଲି ଯେ ଅଲ୍ଲାତାଲାଙ୍କ ଧର୍ମର ଦାୟିତ୍ୱକୁ ତୁଲାଇବା ନ୍ୟାୟକୁ ଦୃଷ୍ଟିରେ ରଖି ତୁଲାଇବା ଏବଂ ସ୍ୱଚ୍ଛ ପ୍ରବୃତ୍ତ ହୋଇ ତୁଲାଇବା ଅଲ୍ଲାତାଲାଙ୍କ ଅମାନତ୍‌ର ହକ୍ ଆଦା କରିବା ଅଟେ । ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅନ୍ୟର ଅଧିକାରକୁ ଆଖିରେ ରଖିବା ନିଶ୍ଚିତ ଅଟେ । ଯେତେବେଳେ ଆମେ ସମସ୍ତେ ନ୍ୟାୟକୁ ଆଖି ଆଗରେ ରଖି ପରସ୍ପରର ଅଧିକାରକୁ ସାବ୍ୟସ୍ତ କରିବା ତେବେ ଅଧିକାରର ଟଣା ଓଟରା ଖୋଦ୍ ଶେଷ ହୋଇଯିବ । ଏହା ହେବ ନାହିଁ ଯେ, ମୋର ଅଧିକାର ଦିଅ, ବରଂ ଅଧିକାର ପ୍ରଦାନକାରୀ ହେବେ । ଏହା ହିଁ ଆଁ ହଜରତ୍ ସ:ଆ:ସ ଜଣେ ପ୍ରକୃତ ମୁସଲମାନ୍‌ର ଗୁଣ ବର୍ଣ୍ଣନା କରିଛନ୍ତି । ପୁଣି ପ୍ରତ୍ୟେକ ଅହମଦିଙ୍କୁ ମନେରଖିବା ଉଚିତ୍ ଯେ, ମୁସଲମାନ ଜମାତ୍‌ର ଜଡ଼ିତ ରହିବା ହିଁ ପ୍ରକୃତ ମୁସଲମାନ ତିଆରି କରିଥାଏ ।

ବର୍ତ୍ତମାନ ପୃଥିବୀରେ କେବଳ ଗୋଟିଏ ଜମାତ୍ ଅଛି ଯେ, ମୁସଲମାନ୍ ଜମାତ୍ ଅହମଦିୟା ରୂପେ ପରିଚିତ । ଏହା ହିଁ ଏକ ମାତ୍ର ଜମାତ୍ ଅଟେ । ଯିଏ କି ସାରା ପୃଥିବୀରେ ଗୋଟିଏ ନାମରେ ପରିଚିତ ହୋଇଛି । ଏତଦ୍ ବ୍ୟତୀତ କୌଣସି ବିଶ୍ୱ ସ୍ତରୀୟ ଜମାତ୍ ନାହିଁ ଯିଏ କି ଗୋଟିଏ ନାମରେ ନିଜ ପରିଚୟ ସୃଷ୍ଟି କରିଛି । ଏହା ସହିତ ଜଡ଼ିତ ରହିବା ଏବଂ ନେଜାମେ ଜମାତ୍‌ର ଭାଗିଦାରୀ ହେବା ଆଁ ହଜରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ଅନୁଯାୟୁ ପ୍ରକୃତ ମୁସଲମାନ ବୋଲାଇଥାଏ । ଏହି ସୌଭାଗ୍ୟରୁ ପ୍ରତ୍ୟେକ ଅହମଦି ଯେତେ ବି କୃତଜ୍ଞତା ଜ୍ଞାପନ କରେ ତାହା କମ୍ ଅଟେ ଏବଂ ପ୍ରକୃତ କୃତଜ୍ଞତା ହେଲା - ଯେ, ନେଜାମେ ଜମାତ୍‌ର ପ୍ରକୃତ ଆଜ୍ଞାବହ ହେବା ଓ ଖିଲାଫତ୍‌ର ଆଜ୍ଞାବହତା ସ୍ୱୀକାର କରିବା । ଅଲ୍ଲାତାଲା ପ୍ରତ୍ୟେକ ଅହମଦୀଙ୍କୁ ନ୍ୟାୟରେ ଅଟଳ ରହିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯଦି କେବେ କୌଣସି ସାକ୍ଷିର ଆବଶ୍ୟକ ପଡ଼େ ତେବେ ତାହାକୁ ଖୟାନତ୍ କରନାହିଁ, ଉଚିତ୍ ନ୍ୟାୟ କର । ଜମାତ୍‌ର ସମସ୍ତ ଓହ୍‌ଦାଦାର୍ ନିଜ ଦାୟିତ୍ୱକୁ ବୁଝନ୍ତୁ ନିଜ ଓହଦା (ପଦବୀ) ଓ ନିଜ ଅମାନତ୍‌କୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ତାକୁ ସୁଚାରୁରୂପେ ତୁଲାନ୍ତୁ । ନିଜର ସମସ୍ତ ଦାୟିତ୍ୱକୁ ନ୍ୟାୟ ସହିତ ତୁଲେଇବା ବ୍ୟକ୍ତି ହୁଅନ୍ତୁ । ଏହି ଅତି ସୁନ୍ଦର ଶିକ୍ଷା ଆମର ଆଗାମୀ ପିଢ଼ିଙ୍କ ପାଇଁ ମଧ୍ୟ ଜାରି ରଖିବା ପାଇଁ ପ୍ରୟାସ ହେବ, ଯେତେବେଳେ ସମୟ ଆସିବ ଆମେ ପୃଥିବୀକୁ ପ୍ରକୃତ ନ୍ୟାୟ ଦେବା ବାଲା ହୋଇପାରିବା । ସେହି ନ୍ୟାୟ ଯାହାକୁ ଆଁ ହଜରତ୍ ସ:ଆ:ସ ପ୍ରତିଷ୍ଠା କରିଥିଲେ ଏବଂ ଯାହାର ନମୁନା ଆପଣଙ୍କ ସତ୍ୟବାଦୀ ଦାସ ଏହି ଯୁଗରେ ମଧ୍ୟ ପ୍ରତିଷ୍ଠା କରିଛନ୍ତି । ଯାହାର ଆଶା ଆପଣ ଆପଣଙ୍କ ଅନୁଗାମୀମାନଙ୍କ ଠାରୁ ରଖିଛନ୍ତି । ଅଲ୍ଲାତାଲା ଆମମାନଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ନମାଜ୍ ପରେ ମୁଁ କିଛି ଅନୁପସ୍ଥିତ ନମାଜ ଜନମଜା ପଢ଼ାଇବି ପ୍ରଥମ ଯନାଜାଃ ଅଦ୍‌ନାନ୍ ମହମ୍ମଦ କୁରଦିୟା ସାହେବଙ୍କର ଅଟେ । ସେ ସିରିଆର ହଲବ୍ ନିବାସି ଥିଲେ । ଯାହାଙ୍କୁ ୨୦୧୩ ରେ ହଲବ ସହରରେ ଆତଙ୍କବାଦୀମାନେ ଅପହରଣ କରିନେଲେ ତା ପରେ ତାଙ୍କୁ ଶହିଦ୍ କରିଦେଲେ । ଅଦ୍‌ନାନ୍ ସାହେବଙ୍କ ଜନ୍ମ ୧୯୭୧ ରେ ସିରିଆର ହଲବ୍ ସହରରେ ହୋଇଥିଲା । ୨୦୦୩ ରେ ସେ ତମାଜୁର ସାହିବା ନାମୀ ଜଣେ ମହିଳାଙ୍କ ସହିତ ବିବାହ କରିଥିଲେ । ଅଦ୍‌ନାନ୍ ସାହେବଙ୍କ ଶ୍ୱସୁର ୟାସିନ୍ ଶରିଫ୍ ସାହେବ ୨୦୦୭ ରେ ବୟତ୍ କରି ଜମାତ୍‌ରେ ମିଶିଥିଲେ । ପୁଣି ତାଙ୍କ ପ୍ରଚ୍ଚର ଦ୍ୱାରା ତାଙ୍କ ପିଲାମାନଙ୍କ ବ୍ୟତିତ ତାଙ୍କ ଝିଅ ଓମାଜଦ୍ ମଧ୍ୟ ଅହମଦୀୟତର୍ ସତ୍ୟତାକୁ ଆପଣେଇଥିଲେ ଏବଂ ଅଦ୍‌ନାନ୍ ସାହେବଙ୍କ ଘରେ ଅହମଦିୟତ୍ ବିଷୟରେ ଚର୍ଚ୍ଚା ହେଉଥିଲା । କିନ୍ତୁ ସହିଦ୍ ଅଦ୍‌ନାନ୍ ସାହେବ ଶିକ୍ଷିତ ନଥିଲେ । ଅଧିକାଂଶ ମଉଲବିଙ୍କ କଥାରେ ଚଳୁଥିଲେ । ଯେତେବେ ତାଙ୍କ ସ୍ତ୍ରୀ ୨୦୧୦ ରେ ବୟତ୍ କଲେ ତେବେ ମଉଲବିମାନଙ୍କ ପ୍ରତାରଣାରେ ସେ ତାଙ୍କ ସ୍ତ୍ରୀ କୁ କହିଲେ, ଯଦି ତୁମେ ଘରେ ଏମ୍-ଟି-ଏ ଦେଖ କିମ୍ବା ଅହମଦୀୟତ୍ ବିଷୟରେ କଥାବାର୍ତ୍ତା ହୁଅ ତେବେ ମୁଁ ତୁମକୁ ତଲାକ୍ (ଛାଡ଼ପତ୍ର) ଦେଇଦେବି । ତାଙ୍କ ଶଶୁର ୟାସିନ୍ ସରିଫ୍ ସାହେବ ତାଙ୍କୁ କୋରାନ୍ ଓ ସୁନ୍ନତ୍ ବିଷୟରେ ବୁଝାଉଥିଲେ । ଫଳତଃ ସେ ନିରବ ହୋଇ ଯାଉଥିଲେ । ଯେତେବେଳେ ସେ ମଉଲବିଙ୍କ ପାଖକୁ ଯାଉଥିଲେ ସେତେବେଳେ ସେ ସବୁ କଥାକୁ ଭୁଲିଯାଉଥିଲେ । ସହିଦ୍‌ଙ୍କ ସଶୁର କହନ୍ତି ଯେ ୨୦୧୧ର କଥା ମୁଁ ତାଙ୍କ ଘରେ ତାଙ୍କ ସ୍ତ୍ରୀ ଅର୍ଥାତ୍ ମୋ ଝିଅ ସହିତ ମିଶି କୋରାନ୍ ପଢୁଥିଲୁ । ଏତିକିବେଳେ ଅଦ୍‌ନାନ୍ ସାହେବ କାମରୁ ଘରକୁ ଫେରିଲେ ଏବଂ ଆମକୁ କୋରାନ୍ ପଢୁଥିବାର ଦେଖି କହିଲେ ଯେ ପଢ଼ିଚାଲ, କାରଣ ମୁଁ ଆପଣଙ୍କ ତଫସିର୍ (ବିଶ୍ଳେଷଣ) ଶୁଣିବାକୁ ଚାହୁଁଛି । ସେତେବେଳେ ଆମେ ବନି ଇସ୍ରାଏଲ୍‌ର ଆୟତ୍ ପାଠ କରୁଥିଲୁ । ଇଜ୍ ୟକୁଲୁଜ୍ ଜାଲେମୁନା ଇନ୍ ତତ୍‌ତବେଉନା ଇଲ୍ଲା ରଜୁଲମ୍ ମସ୍‌ହୁରା, (ବନି ଇସ୍ରାଏଲ୍:୪୮) ଅର୍ଥାତ୍ - ଅତ୍ୟାଚାରୀ ଲୋକମାନେ କହନ୍ତି - ତୁମେମାନେ ଏପରି ଏକ ବ୍ୟକ୍ତିର ଅନୁସରଣ କରୁଛ ଯିଏ ଜାଦୁଗର ଅଟନ୍ତି । ତାଙ୍କ ଶ୍ୱସୁର କହନ୍ତି ମୁଁ ଅଦ୍‌ନାନ୍‌ଙ୍କୁ କହିଲି ଯେ, କୋରାନ୍ କହୁଛି ସେହିଲୋକମାନେ ଅତ୍ୟାଚାରି ଅଟନ୍ତି । ଯେଉଁମାନେ ରସୁଲେ କରିମ୍ ସ:ଆ:ସଙ୍କ ଉପରେ ଆରୋପ ଲଗାଉଛନ୍ତି କି, ନଉଜୁ ବିଲ୍ଲାଃ ଆପଣ ଜାଦୁଗର ଥିଲେ । କିନ୍ତୁ କେତେକ ମୁସଲମାନ୍ ଏ କଥାକୁ ମାନନ୍ତି ନାହିଁ ଯେ, ନବି କରିମ୍ ସ:ଆ:ସଙ୍କ ଉପରେ ଜାଦୁ ହୋଇଥିଲା ବୋଲି । ଜମାତ୍ ଅହମଦିୟାର ବିଶ୍ୱାସ ଯେ, ଏକଥା ସମ୍ପୂର୍ଣ୍ଣ ଭୁଲ୍ ଅଟେ । ଏପରି କୌଣସି ବର୍ଣ୍ଣିତ କଥାକୁ ବିଶ୍ୱାସ କରାଯାଇପାରେ ନାହିଁ । ଅଦ୍‌ନାନ୍ ଏ କଥା ଶୁଣି ସାଙ୍ଗେ ସାଙ୍ଗେ ଫୋନ୍ ମାଧ୍ୟମରେ ତାଙ୍କ ମୌଲବିଙ୍କୁ ପଚାରିଲେ ସତରେ କଣ ନବି କରିମ୍ ସ:ଆ:ସଙ୍କ ଉପରେ ଜାଦୁ ହୋଇଥିଲା ? ମୌଲବୀ ସାହେବ କହିଲେ ଯେ, ହଁ ଜାଦୁ ହୋଇଥିଲା ଏବଂ ତାହା ବୁଖାରୀ ହଦିସ୍‌ରେ ବର୍ଣ୍ଣନା କରାଯାଇଛି । ଅଦ୍‌ନାନ୍ ସାହେବ ମୌଲବୀଙ୍କୁ କହିଲେ ମୁଁ ଜଣେ ସାଧାରଣ ଓ ପାପି ମନୁଷ୍ୟ ଅଟେ । ମୋତେ ଜଣାଅଛି ଯେ, ମୋର କେତେ ଜଣ ନିକଟ ସମ୍ପର୍କିୟମାନେ ମୋତେ ଜାଦୁ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ମୋ ଉପରେ ତାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଆଁ ହଜରତ୍ ସ:ଆ:ସ ଅଲ୍ଲାଃତାଲାଙ୍କ ଅତି ନିକଟତର ଏବଂ ଅତି ସ୍ନେହର ରସୁଲ୍ ଥିଲେ । ପୁଣି ମୁଁ କିପରି ମାନିନେବି ଯେ, କେତେକ ଲୋକ ତାଙ୍କୁ ଜାଦୁ କରିବାରେ ସଫଳ ହୋଇଗଲେ । ଏହା କହି ସେ ଫୋନ୍ ବନ୍ଦ କରିଦେଲେ । ତାଙ୍କ ସ୍ତ୍ରୀ କହନ୍ତି ଯେ, ସେହି ଘଣଟାର କିଛି ଦିନ ପରେ ଅଦ୍‌ନାନ୍ ପାଟିତୁଣ୍ଡ କରିବାକୁ ଲାଗିଲେ । ପୁଣି ଦିନେ ମତେ କହିଲେ, ମୋର ଇଚ୍ଛା ଥିଲା କି, ମୋ ସ୍ତ୍ରୀ ଭଲ ଆଚରଣ ଓ ଉତ୍ତମ ବ୍ୟବହାରର ଅଧିକାରୀ ହେଉ, କିନ୍ତୁ ମୁଁ ଦେଖୁଛି ଯେବେଠାରୁ ତୁମେ ଅହମଦିୟତ୍ ଗ୍ରହଣ କଲଣି ତୁମ ଭିତରେ ବହୁତ୍ ପରିବର୍ତ୍ତନ ଆସି ଯାଇଛି । ମୋ ବଂଧୁମାନଙ୍କ ସହିତ ଭଲ ଆଚରଣ ପ୍ରକାଶ କରୁଅଛ । ଏହି ପ୍ରଭାବ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ସେଥିପାଇଁ ମୁଁ ମଧ୍ୟ ଏହି ପବିତ୍ର ଜମାତ୍‌ରେ ସାମିଲ୍ ହେଉଅଛି । ସେ ବୟତ୍ କରିନେଲେ । ସହିଦ୍‌ଙ୍କ ପତ୍ନୀ କହୁଛନ୍ତି ଯେ, ଗୋଟିଏ ଆତଙ୍କବାଦୀ ସଂଗଠନର କେତେକ ଲୋକ ଯେଉଁମାନେ ଜମାତ୍ ବିରୋଧରେ ଅତ୍ୟନ୍ତ କୁତ୍ସିତ ଓ କୁ ଭାଷା ପ୍ରୟୋଗ କରୁଥିଲେ । ମୋତେ ତାଙ୍କ କଥା ଶୁଣି ବହୁତ ଦୁଃଖ ଲାଗୁଛି । ଯେତେବେଳେ ମୁଁ ତାଙ୍କ ବିଷୟରେ ଅଦ୍‌ନାନ୍‌ଙ୍କୁ କହେ ସେ କହନ୍ତି ଯେ, ତାଙ୍କୁ ତାଙ୍କ ସ୍ଥିତିରେ ଛାଡ଼ିଦିଅ । କେବେ ବି ତାଙ୍କ ସହିତ ଯୁକ୍ତି ତର୍କ କରନାହିଁ । ଆମ କାମ କେବଳ ତାଙ୍କ ପାଇଁ ଦୁଆ କରିବା ଅଟେ । ପୁଣି ୨୦ ଜୁନ୍ ୨୦୧୩ ରେ ସେହି ସଂଗଠନର କେତେକ ଲୋକ ଅଦ୍‌ନାନ୍‌ଙ୍କୁ ଅପହରଣ କରିନେଲେ । ଦୀର୍ଘ ଦୁଇମାସ ପରେ ତାଙ୍କୁ ବନ୍ଧୁକ ମାରି ସହିଦ୍ କରି ଦିଆଗଲା (ଇନ୍ନା ଲିଲ୍ଲାଃହେ ଓ ଇନ୍ନା ଇଲେଇହି ରାଜେଉନ୍) ସାହାଦତ୍ ସମୟରେ ତାଙ୍କ ବୟସ ୪୨-୪୩ ବର୍ଷ ହୋଇଥିଲା । କହୁଛନ୍ତି-ତାଙ୍କୁ ତାଙ୍କର ସାହାଦତ୍ ବାବଦରେ ସ୍ୱପ୍ନ ହେଉଥିଲା । କିନ୍ତୁ ସେପରି କିଛି ଖବର ଜଣାପଡୁନଥିଲା । ଦିନେ ଆମ ଇଲାକାର ଶତ୍ରୁମାନଙ୍କ ମଧ୍ୟରୁ ଜଣେ ମତେ କହିଲା ବର୍ତ୍ତମାନ ପର୍ଯ୍ୟନ୍ତ କଣ ତୁମେ ତୁମ ସ୍ୱାମୀଙ୍କୁ ଅପେକ୍ଷା କରୁଛ ? ସେ ଆସିବେ ନାହିଁ । କାରଣ ତାଙ୍କୁ ହତ୍ୟା କରିଦିଆ ଯାଇଛି । ଆମେ ତାଙ୍କୁ ଭଲ ଭାବରେ ବୁଝାଇଥିଲୁ ଯେ, ଅହମଦିୟତ୍ ଛାଡ଼ିଦିଅ, କିନ୍ତୁ ସେ ଏଇଆ କହୁଥିଲେ ଯେ ମୁଁ ଅହମଦିୟତ୍‌କୁ ଛାଡ଼ିବି ନାହିଁ, ମୋର ବେକ କଟି ଯାଉନା କାହିଁକି । ଏ ସାହାଦତ୍ ତ ବହୁତ ପୁରୁଣା ହୋଇଗଲାଣି । କିନ୍ତୁ ତାଙ୍କୁ ଏବେ ଜଣାପଡ଼ିଲା ତେଣୁ ଯନାଜାଃ ବର୍ତ୍ତମାନ ପଢ଼ାଯିବ । ସହିଦ୍‌ଙ୍କ ସ୍ତ୍ରୀ ଲେଖୁଛନ୍ତି ଯେ, ସହିଦ୍ ପୁଣ୍ୟବନ୍ତ, ସରଳ ଓ ନମାଜ୍‌ରେ ନିୟମିତ ଥିଲେ । ସବୁବେଳେ ଓ୍ୱଜୁରେ ରହିବା ପାଇଁ ଚେଷ୍ଟା କରୁଥିଲେ । ଜଣେ ଦୟାଶୀଳ ଓ ସ୍ନେହୀ ସ୍ୱାମୀ ଓ ଦୟାଳୁ ପିତା ଥିଲେ । ସନ୍ତାନ ମାନଙ୍କର ଧାର୍ମିକ ସଂସ୍କାର ପାଇଁ ସର୍ବଦା ଚିନ୍ତିତ ରହୁଥିଲେ । ପ୍ରତ୍ୟେକଙ୍କୁ ସେବା ଓ ସାହାଯ୍ୟ କରୁଥିଲେ । ଚାନ୍ଦାରେ ନିୟମିତ ପଇଠ ଓ ସବୁଠୁ ଅଧିକ ଦେବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କ ଶ୍ୱସୁର କହନ୍ତି ଯେ ଅହମଦିୟତ୍

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.1 Thursday 5-12 JAN 2017 Issue No. 1-2

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

ଗ୍ରହଣ କଲାପରେ ତାଙ୍କ ଭିତରେ ଏକ ଅଦ୍ଭୁତ ନିର୍ମଳ ସ୍ୱଭାବ ସୃଷ୍ଟି ହୋଇଥିଲା । ସେ ତାଙ୍କର ୱାଗନ୍ ଅହମଦିମାନଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଜୁମା ଦିନ ଅହମଦିମାନଙ୍କୁ ବିଭିନ୍ନ ସ୍ଥାନରୁ ନମାଜ ସ୍ଥଳକୁ ଆଣୁଥିଲେ । ପୁଣି ନେଇ ଛାଡୁଥିଲେ । ସେହିପରି ମହିଳାମାନଙ୍କୁ ମଧ୍ୟ ଜଲସା ପାଇଁ ସଦର ଲଜନାଙ୍କ ଘର ପର୍ଯ୍ୟନ୍ତ ନେବା ଆଣିବା ପାଇଁ ସେବା ପ୍ରଦାନ କରୁଥିଲେ । ଅହମଦି ଲୋକମାନେ ତାଙ୍କୁ ଭଡ଼ା ଦେବାପାଇଁ ଚେଷ୍ଟା କରୁଥିଲେ । କିନ୍ତୁ ସେ ନେବା ପାଇଁ ମନା କରୁଥିଲେ । ହଁ ଯଦି କେହି ଅଧିକ ଜବରଦସ୍ତ କରୁଥିଲା ତେବେ କେବଳ ତେଲ ଖର୍ଚ୍ଚ ହିଁ ନେଉଥିଲେ । ଚନ୍ଦା ବଢ଼ି ଚଢ଼ି କରି ଦେଉଥିଲେ । ସବୁବେଳେ କହୁଥିଲେ ସେହି ଚନ୍ଦା ଯୋଗୁଁ ଅଲ୍ଲାଃତାଲା ମୋ କାମରେ ବହୁତ ବରକତ୍ ଦେଇଛନ୍ତି । ତା'ର ଉଦାହରଣ ସେ ଦେଇଛନ୍ତି । ସେ ଜଣକ ସହିତ ମିଶି ଗୋଟିଏ ୱାଗନ୍ କିଣିଥିଲେ, ଯାହାକୁ ସେ ଚଲାଉଥିଲେ । ପୁଣି ପରେ ଅଲ୍ଲାତାଲା ତାଙ୍କୁ ଶକ୍ତି ପ୍ରଦାନ କଲେ ଯେ, ସେ ତାହା ନିଜେ କିଣି ଦେଲେ । ତାଙ୍କର ଅନ୍ୟ ଜଣେ ସମ୍ପର୍କୀୟ କହନ୍ତି ତାଙ୍କ ପାଖରେ ଦୟାର ଗୁଣ ଅତ୍ୟଧିକ ଥିଲା । କହନ୍ତି ଯେତେବେଳେ ବିଶୃଙ୍ଖଳା ବଢ଼ିଗଲା । ଯୁଦ୍ଧର ସ୍ଥିତି ହେଲା, ଆମ ଇଲାକାର ପରିସ୍ଥିତି ବହୁତ୍ ଖରାପ ହେଲା ତେବେ ରୋଗ ଓ ଖାଦ୍ୟାଭାବ ଦେଖାଦେଲା । ଯଦି ଓ ଖାଦ୍ୟ କେଉଁଠି ମିଳୁଥିଲା ତାହା ବହୁତ୍ ମହଙ୍ଗା ଥିଲା । ଏ ପରିସ୍ଥିତିରେ ଅଦ୍‌ନାନ୍ ସହିଦ୍ ସମସ୍ତ ସମ୍ପର୍କୀୟଙ୍କ ସେବାରେ ମଗ୍ନ ଥିଲେ । ଦୂର ଦୂରାନ୍ତରୁ ରୋଟି ଆଣି ଆମକୁ ଦେଉଥିଲେ ।

ସହିଦ୍ ନିଜ ଅନ୍ତେ ପତ୍ନୀ ଓ ପାଂଚଟି ସନ୍ତାନ ଛାଡ଼ି ଯାଇଛନ୍ତି । ଦୁଇଟି ଝିଅ ତାଙ୍କର ପୂର୍ବବର୍ତ୍ତୀ ମୃତ ସ୍ତ୍ରୀ ଙ୍କ ଠାରୁ ଅଛନ୍ତି, ଦୁଇଟି ପୁଅ ଓ ଗୋଟିଏ ଝିଅ ଦ୍ୱିତୀୟ ସ୍ତ୍ରୀ ଙ୍କର । ଅଲ୍ଲାଃଙ୍କ ଦୟାରୁ ଏମାନେ ସମସ୍ତେ କାନାଡ଼ା ଆସିଯାଇଛନ୍ତି ।

ଦ୍ୱିତୀୟ ଯନାଜାଃ ବଶିର୍ ବେଗମ୍ ସାହେବା ସ୍ତ୍ରୀ ଚୌଧରୀ ମଞ୍ଜୁର ଅହମଦ୍ ଚିମା ସାହେବ ଦରୱେଶ୍ କାଦିୟାନଙ୍କର ୭ ନଭେମ୍ବର-୨୦୧୧ ରେ ୯୩ ବର୍ଷ ବୟସରେ ସ୍ୱଳ୍ପ ଅସୁସ୍ଥତା ପରେ ମୃତ୍ୟୁ ହୋଇଥିଲା । ('ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍') ୧୯୯୩ ଇ ରେ ପାକିସ୍ତାନରେ ଜନ୍ମଗ୍ରହଣ କରିଥିଲେ (ସେ ସମୟରେ ପାକିସ୍ତାନ ତ ନଥିଲା) (ଇଲାକା ପାକିସ୍ତାନର ଥିଲା, ଭାରତରେ ଜନ୍ମିଥିଲେ) ୧୯୪୪ ଇ ରେ ଚୌଧରୀ ମଞ୍ଜୁର୍ ଅହମଦ୍ ଚିମା ସାହେବଙ୍କ ସହିତ ବିବାହ ହୋଇଥିଲା । ଚିମା ସାହେବ ନଭେମ୍ବର ୧୯୪୭ ଇ ରେ ଯେତେବେଳେ ମର୍କର ସୁରକ୍ଷା ପାଇଁ କାଦିୟାନ୍ ଆସିବା ପାଇଁ ୱକ୍‌ଫ (ଉତ୍ସର୍ଗ) କଲେ ତ ସେ ମଧ୍ୟ ୧୯୫୨ ରେ କାଦିୟାନ୍ ଆସି ନିଜ ସ୍ୱାମୀଙ୍କ ସହିତ ଦରବେସ୍ ଦୀଥକ୍ଷାରେ ସାମିଲ୍ ହୋଇଯାଇଥିଲେ । କାଦିୟାନ୍ ସହିତ ବହୁତ ସ୍ନେହ ଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ଆପଣ ୩୬ ବର୍ଷ ଦୀର୍ଘ ସମୟ ଅତି ସହନଶୀଳତା ଓ କୃତଜ୍ଞତା ସହିତ ଅତିବାହିତ କରିଥିଲେ । ଅଲ୍ଲାଃଙ୍କ ଦୟାରୁ ଅତ୍ୟନ୍ତ (ଅଲ୍ଲାଃଙ୍କ ପ୍ରତି ଭୟ) ଓ ଅଲ୍ଲାଃଙ୍କ ସୃଷ୍ଟିମାନଙ୍କ ସହିତ ଦୟାଶୀଳ ପୁଣ୍ୟବାଦୀ ମହିଳା ଥିଲେ । ଘରକୁ ଆସି କୌଣସି ସୱାଲି କେବେ ଖାଲି ହାତରେ ଫେରସ୍ତ କରୁନଥିଲେ ମୃତ୍ୟୁର ଏକ ବର୍ଷ ପୂର୍ବରୁ ପ୍ରତି ବର୍ଷ ରମ୍‌ଜାନ୍‌ର ସବୁ ରୋଜା ରଖିଥିଲେ । ଅନେକ ଥର କୋରାନ୍ ସରିଫ୍ ଶେଷ କରୁଥିଲେ । ନିଜ ସନ୍ତାନ ମାନଙ୍କୁ ମଧ୍ୟ ମିଳିତ ନମାଜ (ବାଜମାତ୍) ପାଠ, କୋରାନ୍ ପଠନ ଖିଲାଫତ୍ ଓ ଜମାତ୍‌ର ସମ୍ପୂର୍ଣ୍ଣ ଆଜ୍ଞାବହ ହେବା ପାଇଁ ଧ୍ୟାନ ଦେଉଥିଲେ । ଅତ୍ୟନ୍ତ ଦୁଆ କଲାବାଲା, ଉପାସନାକାରୀ, ସହନଶୀଳ, ଅଲ୍ଲାଃଙ୍କ ଉପରେ ଭରଷାକାରୀର ସମ୍ପୁର୍ଣ୍ଣ ନମୁନା, ସ୍ୱଚ୍ଛ ହୃଦୟ, ନିଜ ସନ୍ତାନ ମାନଙ୍କର ଉତର ସଂସ୍କାର କରିବା ବହୁତ ଆତ୍ମ ନିର୍ଭରଶୀଳ, କ୍ଷମାଶିଳ ଯତ୍ନବାନ ମହିଳାଥିଲେ, ସତ୍ୟ ସ୍ୱପ୍ନ ମଧ୍ୟ ତାଙ୍କୁ ହେଉଥିଲା । ସମସ୍ତ ସନ୍ତାନମାନଙ୍କର ବିବାହ ସେ ସ୍ୱଚ୍ଛତାର ସହ କେବଳ ଧାର୍ମିକ ଉଦ୍ଦେଶ୍ୟକୁ ସମ୍ମୁଖରେ ରଖି କରିଥିଲେ । ନିଜ ପଛରେ ତିନିଜଣ ଝିଅ, ପାଂଚ ଜଣ ପୁଅ ସ୍ମୃତିରେ ଛାଡ଼ି ଯାଇଛନ୍ତି । ତିନିଜଣ ପୁଅ ଜୀବନ ଉତ୍ସର୍ଗ କରି ମୁଲବି (ମୋବଲିଗ୍) ଅଛନ୍ତି । ଜଣେ ପୁତ୍ର ମୋବାରକ୍ ଅହମଦ୍ ଚିମା ସାହେବ ଇନ୍‌ଚାର୍ଜ ଓଲିଆ କାର୍ଯ୍ୟାଳୟର କାର୍ଯ୍ୟରତ ଅଛନ୍ତି । ବର୍ତମାନ ଭାରତର ''ସୁରା'' ର ସଚିବ ମଧ୍ୟ ଅଟନ୍ତି । ଅଲ୍ଲାଃତାଲା ମୃତକଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ । ଦ୍ୱିତୀୟ ଜନାଃଜା ଗାଏବ୍ ରାଣା ମୋବାରକ୍ ଅହମଦ୍ ସାହେବଙ୍କର ଯେ, ଲାହୋରବାସୀ ଅଟନ୍ତି । ତା'ପରେ ସେ ଏଠାକୁ ଆସିଯାଇଥିଲେ ୫ ନଭେମ୍ବର ୨୦୧୬ ରେ ୭୮ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । (ଇନ୍ନା ଲିଲ୍ଲାହେ ଓ ଇନ୍ନା ଏଲେଇଲେ ରାଜେଉନ୍) ତାଙ୍କ ପିତା ରାଣା ମହମ୍ମଦ୍ ଯାକୁବ୍ ସାହେବ ମୃତ ଗୋଟିଏ ସ୍ୱପ୍ନ ଦ୍ୱାରା ଅହମଦିୟତ୍ ଗ୍ରହଣ କରିଥିଲେ । ଯାହାଦ୍ୱାରା ପରିବାରରେ ବହୁତ୍ ବିରୋଧାଚରଣ (ମୋ ଖାଲିଫତେ) ହୋଇଥିଲା ଏବଂ ତାଙ୍କୁ ଘର ଦ୍ୱାର ଛାଡ଼ିବାକୁ ପଡ଼ିଥିଲା । ତା'ପରେ ତାଙ୍କ ମାତା ଅହମଦିୟତ୍ ଗ୍ରହଣ କରିଥିଲେ । ରାଣା ସାହେବ୍ ବାଲ୍ୟ କାଳରୁ ହିଁ ଜମାତ୍‌ର ସେବାରେ ସବୁବେଳେ ଆଗରେ ରହୁଥିଲେ । ଆରମ୍ଭରୁ ହିଁ ଖିଲାଫତ୍ ଓ ଜମାତ୍ ସହିତ ସ୍ୱଚ୍ଛ ଓ ନିର୍ମଳ ସମ୍ପର୍କ ଥିଲା । ଜମାତ୍‌ର ସେବାର ଆରମ୍ଭ ୧୯୬୭ ରେ ହେଲା ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରଖିଥିଲେ । ଆପଣଙ୍କୁ ଲାହୋର୍ ଓ ବାହାଲ୍‌ପୁର୍‌ରେ କାଏଦ୍ ମଜ୍‌ଲିସ୍ ରୂପେ ଓ ସେକ୍ରେଟାରୀ ତହରିକ୍-ଜଦିଦ୍ ଓ ସେକ୍ରେଟାରୀ ୱକ୍‌ଫେ ଜଦିଦ୍ ରୂପେ ସେବା କରିବାର ଅବସର ପ୍ରାପ୍ତି ହୋଇଥିଲା । ଅବସର ଗ୍ରହଣ ପରେ ସେ ନିଜକୁ ୱକ୍‌ଫ ପାଇଁ ଅର୍ପଣ କରିଥିଲେ । ସୁରେଫା ଅଲ୍ ଫଜଲ୍‌ର ପ୍ରତିନିଧି ରୂପେ ସେବା କରି ଆସୁଥିଲେ, ଅତ୍ୟନ୍ତ ନରମ ସ୍ୱଭାବ, ଦୁଆଗୋ, ନିୟମିତ ଚନ୍ଦା, ଖିଲାଫତ୍ ସହିତ ନିବିଡ଼ ସମ୍ପର୍କ ପୁଣ୍ୟବନ୍ତ ମନୁଷ୍ୟ ଥିଲେ । ଅଲ୍‌ଫଜଲ୍‌ର ବିଷୟବସ୍ତୁ ଲେଖୁଥିଲେ । ତାଙ୍କ ବିଷୟ ବସ୍ତୁ ଭଲ ହେଉଥିଲା । ଯେତେବେଳ ଯାଏ ସେ ପାକିସ୍ତାନରେ ରହିଥିଲେ ସବୁବେଳେ ମୋତେ ସେଠାକାର ପରିସ୍ଥିତି ଓ ଯଦି କେହି ଅସୁସ୍ଥ ହେଉଥିଲା ତେବେ ତାଙ୍କ ବିଷୟରେ ଅତିଶିଘ୍ର ଖବର ସର୍ବ ପ୍ରଥମେ ତାଙ୍କ ତରଫରୁ ଆସୁଥିଲା । ଲୋକମାନଙ୍କ ପାଇଁ ମଧ୍ୟ ପ୍ରାୟ ସମୟ ଦୁଆର ନିବେଦନ କରୁଥିଲେ । ପରିବାରରେ ତାଙ୍କ ସ୍ତ୍ରୀଙ୍କ ବ୍ୟତିତ ଗୋଟିଏ ଝିଅ ଓ ତିନିଜଣ ପୁତ୍ର ସନ୍ତାନ ଓ ବହୁତ ନାତି ନାତୁଣୀ ରହିଛନ୍ତି । ସମସ୍ତେ ଏଠି ଅଛନ୍ତି । ଅଲ୍ଲାଃତାଲା ତାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ । ସେହିପରି ମୃତ ସହିଦ୍‌ଙ୍କୁ ମଧ୍ୟ ଅଲ୍ଲାଃତାଲା ଉଚ୍ଚସ୍ଥାନ ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନ ମାନଙ୍କୁ ସୁରକ୍ଷିତ ରଖନ୍ତୁ । ବର୍ତମାନ ପିଲାମାନେ ସିରିୟାରୁ କାନାଡ଼ା ଚାଲିଯାଇଛନ୍ତି । ଅଲ୍ଲାଃତାଲା ସେହି ସମାଜରୁ ମଧ୍ୟ ସେମାନଙ୍କୁ ସୁରକ୍ଷିତ ରଖନ୍ତୁ । ସେମାନଙ୍କର ପୁଣ୍ୟ ମନସ୍କାମନାକୁ ଅଲ୍ଲାତାଲା ତାଙ୍କ ନସଲ୍ ପିଢ଼ିରେ ମଧ୍ୟ ଜାରି ରଖନ୍ତୁ ଯାହା ପାଇଁ ସହିଦ୍ ଅହମଦିୟତ୍ ଗ୍ରହଣ କରିଥିଲେ ।

--*--*--*--

## ୱାକିଫିନ୍-ଏ-ନୌ ଏବଂ ତାଙ୍କ ପିତାମାତାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ ବିଭିନ୍ନ ଅବସରରେ ୱାକିଫିନ୍-ଏ-ନୌ ଙ୍କୁ ଜାମିଆ ଅହେମଦୀୟାରେ ପ୍ରବେଶ ନେଇ ଦୀନି ଶିକ୍ଷା ହାସଲ କରି ଜମାତ୍‌ର ସେବାରେ ନିୟୋଜିତ ହେବା ପାଇଁ ପ୍ରବର୍ତାଉଛନ୍ତି । ସୟଦ୍‌ନା ହଜୁର ଅନୱରଙ୍କର ନିର୍ଦ୍ଦେଶ ଯେ- ''ଅଧିକରୁ ଅଧିକ ପିଲାମାନଙ୍କ ମନରେ ଏକଥା ରଖାଯାଉ ଯେ, ତୁମ ଜୀବନର ଉଦ୍ଦେଶ୍ୟ ଧାର୍ମିକ ଶିକ୍ଷା ହାସଲ କରିବା । ଏ ଯେଉଁ ୱାକିଫିନ୍-ଏ-ନୌ ର ପିଲାମାନେ, ଏମାନଙ୍କ ମସ୍ତିଷ୍କରେ ଏକଥା ପୁରାଇବା ଆବଶ୍ୟକ ଯେ ଧର୍ମୀୟ ଶିକ୍ଷା ପାଇଁ ଜମାତ୍‌ର ଯେଉଁ ଧାର୍ମିକ ଅନୁଷ୍ଠାନ ଅଛି ସେଥିରେ ନାମ ଲେଖାଇବା ଜରୁରୀ ଅଟେ । ଜାମେଆ ଅହମଦିୟାରେ ନାମ ଲେଖାଇବା ରେ ୱାକିଫିନ୍-ଏ-ନୌ ମାନଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ । (ଖୁତ୍‌ବା ଜୁମା - ୧୮ ଜାନୁଆରୀ ୨୦୧୩)

ତେଣୁ କରି ସମସ୍ତ ୱାକିଫିନ୍-ଏ-ନୌ ପିଲାମାନଙ୍କର ଏହା କର୍ତବ୍ୟ ଯେ, ଦଶମ ଶ୍ରେଣୀ (୧୦ମ) ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କଲାପରେ ଆଗକୁ ଅଧିକ ଶିକ୍ଷା ହାସଲ କରିବା ପାଇଁ ୱାକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତଙ୍କ ସହ ସଂପର୍କ କରନ୍ତୁ । ନିୟମାନୁଯାୟୀ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫ୍-ଏ-ନୌ ଭାରତଙ୍କ ଅନୁମତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରନ୍ତୁ । ତେଣୁ ଭାରତର ସମସ୍ତ ୱାକିଫିନ୍-ଏ-ନୌ ଯେଉଁମାନେ ଚଳିତ ବର୍ଷ ୧୦ମ ବା +୨ ଅଥବା ଗ୍ରାଜୁଏସନ୍‌ର ଶେଷ ବର୍ଷରେ ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ ତାଙ୍କ ଭବିଷ୍ୟତ ଶିକ୍ଷା ପାଇଁ ଶିଘ୍ର ଓକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ଙ୍କ ସହିତ ସମ୍ପର୍କ କରନ୍ତୁ । ଯଦ୍ୱାରା ୱାକିଫିନ୍-ଏ-ନୌ ଙ୍କ ଶିକ୍ଷା ସମ୍ବନ୍ଧରେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରାଯାଇପାରିବ । ୱାକିଫିନ୍-ଏ-ନୌ ଙ୍କ ପାଇଁ ଶିକ୍ଷାର ପ୍ରତି ସ୍ତରରେ ଅନୁମତି ହାସଲ କରିବା ଜରୁରୀ ଅଟେ ।

(ଇନ୍‌ଚାର୍ଜ ୱକ୍‌ଫ୍-ଏ-ନୌ ବିଭାଗ, ଭାରତ)

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan